## ଆଜି କ'ଣ କେଉଁଠି

**ସମ୍ବଲପୁର**

- ବ୍ରହ୍ମପୁରା ଠାକୁରଙ୍କ ବାହୁଡା ଯାତ୍ରା, ଝାଡୁଆପଡ଼ା ମାଉସୀ ମା' ମନ୍ଦିର ସମ୍ମୁଖ, ପୂର୍ବାହ୍ନ ୧୦ଟା ।
- ମୁଦିପଡା ଜଗନ୍ନାଥଙ୍କ ବାହୁଡା ଯାତ୍ରା, ମାଉସୀ ମା' ମନ୍ଦିର ସମ୍ମୁଖ, ମଧ୍ୟାହ୍ନ ୧୨ଟା ।
- ସ୍ୱାଧୀନତା ଆନ୍ଦୋଳନର ସ୍ୱପ୍ନ ଓ ସାମ୍ପ୍ରତିକ ଭାରତର ଦଶା ଓ ଦିଶା ଶୀର୍ଷକ ସ୍ମାରକୀ ବକ୍ତୃତା, ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସନ୍ଧ୍ୟା ୬ଟା ।
- ନିଖିଳ ଓଡ଼ିଶା ଏସ୍‌ସି ଓ ଏସ୍‌ଟି ଓକିଲ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ, ତପସ୍ୱିନୀ ପ୍ରେକ୍ଷାଳୟ, ପୂର୍ବାହ୍ନ ୧୦ଟା ।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣା: ଯୁବକ ମୃତ

**ରେଢ଼ାଖୋଲ,୮।୭(ଡି.ଏନ.ଏ.):** ରେଢ଼ାଖୋଲ-ଗିରିଶ୍ଚନ୍ଦ୍ରପୁର ପୂର୍ତ୍ତ ବିଭାଗ ରାସ୍ତାର ବିଜେପୁର ନିକଟରେ ଶୁକ୍ରବାର ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚାରମାଳ ଥାନା କଣ୍ଢେଲ ଗ୍ରାମର ରୁପୁନ ଦେହୁରି (୧୯)। ସୂଚନାମତେ ରୁପୁନ ଘୋଡାଡିଆଁ ଗ୍ରାମରୁ ନିଜ ଗ୍ରାମକୁ ବାଇକ୍ (ନଂ.ଓଡି୧୫ ଏସ-୨୫୮୯) ଯୋଗେ ଆସୁଥିବା ବେଳେ ବିଜେପୁର ଗ୍ରାମ ନିକଟରେ ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ବାଇକ୍‌ରୁ ଛିଟିକି ପଡି ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରେଢ଼ାଖୋଲ ପୋଲିସ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ ରେଢ଼ାଖୋଲ ଥାନାରେ ଏକ ମାମଲା (ନଂ.୧୪୩/୨୨) ରୁଜୁ ହୋଇଛି।

### ହାତୀ ଆକ୍ରମଣରେ ଚାଷୀ ଗୁରୁତର

**ରେଢ଼ାଖୋଲ,୮।୭ (ଡି.ଏନ.ଏ.):** ରେଢ଼ାଖୋଲ ବନଖଣ୍ଡର ବଡମାଳ ରେଞ୍ଜ ଅଧୀନ ବଡମାଳ ଗ୍ରାମରେ ଶୁକ୍ରବାର ସକାଳେ ହାତୀ ଆକ୍ରମଣରେ ଜଣେ ଚାଷୀ ଗୁରୁତର ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମ ରଘୁନାଥପଡାର ଲୋକନାଥ ପ୍ରଧାନ (୪୦)। ଗୁରୁତର ଅବସ୍ଥାରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ରେଢ଼ାଖୋଲ ଡାକ୍ତରଖାନା ଅଣାଯାଇଥିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ସେଠାରୁ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଶୁକ୍ରବାର ସକାଳେ ଲୋକନାଥ ତାଙ୍କ ଚାଷଜମିକୁ ଯାଉଥିବା ବେଳେ ହାତୀ ଆକ୍ରମଣ କରିଥିଲା।

### କୁଚିଣ୍ଡାରେ ନବୀନ, କୁସୁମୀରେ ବିପ୍ର ଲାମ୍ପ୍ସ ସଭାପତି

**କୁଚିଣ୍ଡା,୮।୭(ଡି.ଏନ.ଏ.):** କୁଚିଣ୍ଡା ଉପଖଣ୍ଡରେ ଶୁକ୍ରବାର ଥିଲା ସମବାୟ ସମିତି ସଭାପତି ନିର୍ବାଚନ। କୁଚିଣ୍ଡା ବ୍ଲକର ପାରୁଆଭାଡି ଲାମ୍ପ୍ସରେ ପୂର୍ବରୁ ହୃଦାନନ୍ଦ ମାଝି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ କୁଚିଣ୍ଡା ଓ କୁସୁମୀ ଲାମ୍ପ୍ସ ସଭାପତି ପାଇଁ ନିର୍ବାଚନ ହୋଇଥିଲା। କୁଚିଣ୍ଡା ଲାମ୍ପ୍ସର ଦୁଇ ପ୍ରତିଦ୍ୱନ୍ଦ୍ୱୀ ମନୋରଞ୍ଜନ ଭୋଇ ଓ ନବୀନ ଚନ୍ଦ୍ର ମାଝିଙ୍କ ମଧ୍ୟରେ କଡା ଟକ୍କର ହୋଇଥିଲା। ନବୀନ ୮ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ମନୋରଞ୍ଜନ ୭ଖଣ୍ଡ ଭୋଟ ପାଇଥିଲେ। ସେହିପରି କୁସୁମୀ ଲାମ୍ପ୍ସରେ ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରୁ ବିପ୍ର ଚରଣ ବାଘ ୮ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ଭ୍ରମରବର ପଧାନ ୬ଖଣ୍ଡ ଭୋଟ ପାଇଥିବା ଜଣାଯାଇଛି।

### ଉଚ୍ଚ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା

**ଜମନକିରା,୮।୭(ଡି.ଏନ.ଏ.):** ଜମନକିରା ବ୍ଲକ ଧୁଡିପାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଦୁଇଜଣ ପିଅନ ଶିବନାରାୟଣ ଝାଙ୍କର ଓ ନେତ୍ରମଣି ଦେହୁରିଙ୍କୁ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପେନ୍ଦ୍ର କୁମାର ପଟେଲଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜନ ହୋଇଥିଲା। ଏଥିରେ ବରିଷ୍ଠ ଶିକ୍ଷକ ତଥା ସୌଣ୍ଡିକ ସମାଜର ସଭାପତି ଦୋଳ ଗୋବିନ୍ଦ ସାହୁ ଓ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଉପରୋକ୍ତ ୨ କର୍ମଚାରୀଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ଦୁର୍ଘଟଣାରେ ଜଣେ ଗୁରୁତର

**ପଡିଆବାହାଲ,୮।୭(ଡି.ଏନ.ଏ.):** ଝୁଝୁମୁରା ବ୍ଲକ ସଦର ଥାନା ଅନ୍ତର୍ଗତ ବାରିବନ୍ଧ ଛକଠାରେ ଶୁକ୍ରବାର ସନ୍ଧ୍ୟାରେ ଦୁଇ ବାଇକ୍ ଧକ୍କା ହୋଇ ଜଣେ ଗୁରୁତର ହୋଇଛନ୍ତି। ଆହତଙ୍କ ପରିଚୟ ମିଳି ନ ଥିବାବେଳେ ପୋଲିସ ପହଞ୍ଚି ତାଙ୍କୁ ଡାକ୍ତରଖାନା ପଠାଇଛି। ସୂଚନାମତେ ପାଇଦାମାଳରୁ ମୁଖ୍ୟ ରାସ୍ତାକୁ ଉଠୁଥିବା ଏକ ବାଇକ୍ ସହ ସମ୍ବଲପୁର ପଟକୁ ଯାଉଥିବା ବାଇକ୍ (ଓଡ଼ି୨୩ଏଲ-୪୧୫୧)ର ଧକ୍କା ହୋଇଥିଲା। ଫଳରେ ସମ୍ବଲପୁର ଯାଉଥିବା ବାଇକ୍ ଆରୋହୀ ଛିଟିକିପଡି ଚେତାଶୂନ୍ୟ ହୋଇପଡିଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଅନ୍ୟ ବାଇକ୍ ଆରୋହୀ ଦୁର୍ଘଟଣା ପରେ ସେଠାରୁ ପଳାଇ ଯାଇଛନ୍ତି।

# ବ୍ୟବସାୟୀଙ୍କ ଦଖଲରେ ଜଳସେଚନ ବିଭାଗ ଜମି

**ସମ୍ବଲପୁର,୮।୭(ବ୍ୟୁରୋ)**

ସମ୍ବଲପୁର ଜିଲାରେ ଜମି ମାଫିଆ ସକ୍ରିୟ ହୋଇଉଠିଛନ୍ତି। ସେମାନେ ବିଭିନ୍ନ ବିଭାଗର ସରକାରୀ ଜମି ନିଜ ଦଖଲକୁ ନେଉଥିବା ଅଭିଯୋଗ ହେଉଛି। ସମ୍ବଲପୁର ମହାନଗର ନିଗମ ଅଧୀନ ୪୦ନଂ. ୱାର୍ଡ ମାନେଶ୍ୱର ଛକରେ ଥିବା ସେଚ ଓ ଶକ୍ତି (ଜଳସେଚନ) ବିଭାଗର ମୂଲ୍ୟବାନ ଜମିକୁ କେତେଜଣ ବ୍ୟବସାୟୀ ନିଜ ଦଖଲରେ ରଖିଥିବା ଅଭିଯୋଗ ହେଉଛି। ଏହାକୁ ଠିକ୍ ଭାବେ ମାପ କରି ବିଭାଗ ନିଜ ଦଖଲକୁ ଆଣୁ ବୋଲି ସାଧାରଣରେ ଦାବି ହେଉଛି।

ମାନେଶ୍ୱର ଛକରେ ପୂର୍ବରୁ ଏକ ରାଇସ୍ ମିଲ୍ ଥିବାବେଳେ ଏବେ ବନ୍ଦ ହୋଇ ପଡିଛି। ଉକ୍ତ ରାଇସ୍ ମିଲ୍ ଭିତରେ ସରକାରୀ ଜମି ଜଳସେଚନ ବିଭାଗର ରହିଛି। ଏପରି କି କେନାଲ ମଧ୍ୟ ମିଲ୍ ଭିତର ଦେଇ ଆସିଛି। କୋଠାବାଡି ଓ ରାଇସ୍‌ମିଲ ନିର୍ମାଣ ହେବା ପରେ କେନାଲ ଉଭୟ ପାର୍ଶ୍ୱରେ ଆଉ ଚାଷ ହେଉ ନାହିଁ। ଏହାର ସୁଯୋଗ ନେଇ ବ୍ୟବସାୟୀ ବିଭାଗର ଜମି ଓ କେନାଲକୁ ପୋତି ନିଜ ଦଖଲରେ ରଖିଛନ୍ତି। ପ୍ରାୟ ୩୦ ଡେସିମିଲ


ମାନେଶ୍ୱରରେ ଜବରଦଖଲରେ ଥିବା ଜଳସେଚନ ବିଭାଗର ଜମି ।

**ବଜାର ମୂଲ୍ୟ କୋଟିଏରୁ ଅଧିକ ହେବ**

ଜମିର ବଜାର ମୂଲ୍ୟ ୧ କୋଟିରୁ ଅଧିକ ହେବ। ଏବେ ଉକ୍ତ ଜମିରେ ଗୋଦାମ ଗୃହ ଥିବା ମଧ୍ୟ ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ପଣ୍ଡା କହିଛନ୍ତି, ଆମ ବିଭାଗର ଅମିନ ପଦ ଖାଲି ପଡିଛି। ହେଲେ ମଧ୍ୟ ଅମିନ ନିଯୁକ୍ତି କରି ମାପ କରାଯିବ। ପରେ ଜବରଦଖଲ ଉଚ୍ଛେଦ କରିବା ପାଇଁ ତହସିଲଦାରଙ୍କୁ ଚିଠି କରାଯିବ। ମିଳିତ ଭାବେ ଜବରଦଖଲ ଜମିକୁ ବିଭାଗ ନିଜ ଦଖଲକୁ ନେବ ବୋଲି କହିଥିଲେ।

## ସାପ କାମୁଡ଼ାରେ ଜଣଙ୍କର ମୃତ୍ୟୁ

**ଲହୁଣୀପଡା,୮।୭(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଖୁଣ୍ଟଗାଁ ପଞ୍ଚାୟତ ବନ୍ଧବେଣା ଗ୍ରାମରେ ସାପ କାମୁଡ଼ାରେ ଜଣଙ୍କର ମୃତ୍ୟୁ ହୋଇଛି। ଗ୍ରାମର ହୀରାଧର କୁଅଁର (୫୫) ଗୁରୁବାର ସନ୍ଧ୍ୟାରେ ନିଜ ଜମି ପଟେ ଯାଇଥିଲେ। ଜମିରୁ ଫେରିବାର କିଛି ସମୟ ପରେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଚିକିତ୍ସା ପାଇଁ ବଣେଇ ଡାକ୍ତରଖାନାକୁ ନିଆ ଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ରାଉରକେଲାକୁ ସ୍ଥାନାନ୍ତର କରି ଦେଇଥିଲେ। ବଣେଇରୁ ରାଉରକେଲା ଯାଉଥିବା ବେଳେ ଚାନ୍ଦିପୋଷ ନିକଟରେ ତାଙ୍କର ମୃତ୍ୟୁ ଘଟିବାରୁ ଆମ୍ବୁଲାନ୍ସ ଲହୁଣୀପଡା ଡାକ୍ତରଖାନାକୁ ଫେରେଇ ଆଣିଥିଲେ। ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ଲହୁଣୀପଡା ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ଜୁଲାଇ ୧୦ରେ ୱାକାଥନ

**ସମ୍ବଲପୁର,୮।୭(ବ୍ୟୁରୋ)**

ଆଜାଦି କି ଅମୃତ ମହୋତ୍ସବ ଉପଲକ୍ଷେ ଜୁଲାଇ ୧୦ରେ ସମ୍ବଲପୁର ସହରରେ ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ କମ୍ପାନୀ ପକ୍ଷରୁ ୱାକାଥନ ଆରମ୍ଭ ହେବ। ସକାଳ ୬ଟାରୁ କମିଶନର କଲୋନୀ ପଡିଆରେ ଏହା ଶୁଭାରମ୍ଭ କରାଯିବ। ଏଥିରେ ୧୫ ଶହ ଜଣ ସାମିଲ ହେବାର ଲକ୍ଷ୍ୟ ରହିଛି। ୧୫ବର୍ଷରୁ ଅଧିକ ଯୁବତୀ ଓ ଯୁବକ ଭାଗ ନେଇପାରିବେ ବୋଲି ହୋଟେଲ ଗ୍ରାଣ୍ଡ ଶିବାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କମ୍ପାନୀ ଅଧିକାରୀ ସୂଚନା ଦେଇଛନ୍ତି। ସେମାନେ ଆହୁରି କହିଥିଲେ, ଇସ୍ପାତ ମନ୍ତ୍ରଣାଳୟ ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟକ୍ରମ କରାଯାଉଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଲୋକ ଯେଭଳି ଅଧିକ ମାତ୍ରାରେ ଷ୍ଟିଲ ସାମଗ୍ରୀ ବ୍ୟବହାର କରିବେ ସେ ନେଇ ସଚେତନ କରାଯିବ। ଏକ ଶୋଭାଯାତ୍ରା କମିଶନର କଲୋନୀଠାରୁ ବାହାରି ରିଙ୍ଗ୍‌ରୋଡ, ବାଲିବନ୍ଧା, କୁଞ୍ଜେଲପଡା, ମୋଦିପଡା, ଲକ୍ଷ୍ମୀଟକିଜ, ଜିଲାସ୍କୁଲ ଛକ ଦେଇ ପୁଣି କମିଶନର କଲୋନୀକୁ ଫେରିବ। ଭାଗ ନେଇଥିବା ପ୍ରତିଯୋଗୀଙ୍କ ସୁରକ୍ଷା ଦୃଷ୍ଟିରୁ ଆମ୍ବୁଲାନ୍ସ, ଡାକ୍ତରୀ ଦଳ ଓ ସ୍ୱେଚ୍ଛାସେବୀ ନିୟୋଜିତ ରହିବେ। ବିଭିନ୍ନ ସ୍କୁଲ କଲେଜର ଛାତ୍ରୀଛାତ୍ର ସାମିଲ ହେବାକୁ ଅନୁରୋଧ କରାଯାଇଛି। ଏହା ସହ ସହରର ବିଭିନ୍ନ ଅନୁଷ୍ଠାନ ସଦସ୍ୟ ମଧ୍ୟ ଯୋଗ ଦେବାକୁ ଆହ୍ୱାନ ଦେଇଥିଲେ। ଖବରଦାତା ସମ୍ମିଳନୀରେ କମ୍ପାନୀର ଭିପି (ପ୍ରଶାସନ) ଧନଞ୍ଜୟ କୁମାର ସିହ୍ନା, ଏଭିପି (ପ୍ରଶାସନ) ଆଶିଷ ଦାସ, ଅନୁପମ ସିହ୍ନା, ଜିଏମ୍ (ଇଏମ୍‌ଡି) ରଞ୍ଜିତ ଘୋଷ, କର୍ପୋରେଟ କମ୍ୟୁନିକେଶନ ଓ ପିଆର୍ ମୁଖ୍ୟ ଦିନେଶ ନାୟା, ପିଆର ପ୍ରମୋଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ କମ୍ପାନୀ ଅଧିକାରୀ ।

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ରାଜଗାଙ୍ଗପୁର ଓକିଲ ସଂଘର ଦାବିପତ୍ର

**ରାଜଗାଙ୍ଗପୁର, ୮।୭(ଡି.ଏନ.ଏ.)**

ଦୀର୍ଘ ବର୍ଷ ଧରି ପଶ୍ଚିମ ଓଡିଶାର ସମ୍ବଲପୁରଠାରେ ଏକ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ରାଜଗାଙ୍ଗପୁର ଓକିଲ ସଂଘ ତଥା ପଶ୍ଚିମ ଓଡିଶାର ସେଣ୍ଟ୍ରାଲ ଆକ୍ସନ କମିଟି ପକ୍ଷରୁ ପ୍ରଚେଷ୍ଟା ଜାରି ରହିଛି। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଶୁକ୍ରବାର ରାଜଗାଙ୍ଗପୁର ଓକିଲ ସଂଘର ଉପସଭାପତି ଅଶୋକ ପାଣିଙ୍କ ନେତୃତ୍ୱରେ ସଂଘର ସଂପାଦକ ରବିନ୍ଦ୍ର ଦାଶ, ପ୍ରଦୀପ ପଟ୍ଟନାୟକ, ବିକ୍ରମ ପୃସେଠ, ରାଜୀବ ହାଲଡାର, ବିକାଶ ସରପଟିଆ, ଦିବାକର ପ୍ରଧାନ, ବିରେନ ରାଉତରାୟ, ସଂଜୟ ଦେ ପ୍ରମୁଖଙ୍କ ସହ ଅନ୍ୟ ଆଇନଜୀବୀମାନେ ଉପସ୍ଥିତ ରହି ରାଜଗାଙ୍ଗପୁର ତହସିଲଦାର ପିୟୁସ ଲୁହାରଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ବୃକ୍ଷକୁ ପୂଜନ, ଚାରା ରୋପଣ କଲେ ଗ୍ରାମବାସୀ

**ବଡ଼ଗାଁ, ୮।୭(ଡି.ଏନ୍.ଏ.)**

ଭାରତୀୟ ଧର୍ମ, ସଂସ୍କୃତିରେ ବୃକ୍ଷକୁ ଦେବତା ଭାବେ ପୂଜା କରାଯିବାର ପରମ୍ପରା ରହିଆସିଛି। ବୃକ୍ଷ ବିନା ଧରାପୃଷ୍ଠରେ ଜୀବଜଗତର କଳ୍ପନା ସୁଦ୍ଧା କରାଯାଇ ନ ପାରେ। ସେଥିପାଇଁ ନିଜ ଆବଶ୍ୟକତା ପୂରଣ ବ୍ୟତୀତ ବୃକ୍ଷ ନଷ୍ଟ କରିବା ପାପ ବୋଲି ଧର୍ମୀୟ ଭାବନା ରହିଛି। ଏହାକୁ ବିଶ୍ୱାସ କରୁଥିବା ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକର ଚେମଠାପଡା ଗ୍ରାମବାସୀ ଅବସରପ୍ରାପ୍ତ ଇଞ୍ଜିନିୟର ଅଜେକ ପ୍ରଧାନ ଓ ଅମିୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ଗୁରୁବାର ବୃକ୍ଷ ଦେବତାଙ୍କ ପୂଜନ ଓ ଚାରା ରୋପଣ କରି ପରିବେଶ ସୁରକ୍ଷା କରିବା ପାଇଁ ଶପଥ ନେଇଛନ୍ତି। ଗତ ତିନି ବର୍ଷ ମଧ୍ୟରେ ଗାଁ ନିକଟ ରାସ୍ତା ପାର୍ଶ୍ୱରେ ସ୍ଥାନୀୟ ଆଜାଦ ହିନ୍ଦ କ୍ଲବ ସଦସ୍ୟଙ୍କ ସହିତ ଗ୍ରାମବାସୀ ଲଗାଇଥିବା ଗଛଗୁଡ଼ିକ ୨ ରୁ ୬ ଫୁଟ ଉଚ୍ଚ ହୋଇଛି। କାର୍ଯ୍ୟକ୍ରମ ଆରମ୍ଭରେ ଏହି ଗଛ ଗୁଡ଼ିକରେ ଇଞ୍ଜିନିୟରିଂ ପ୍ରଧାନ ଓ ତାଙ୍କ ସ୍ତ୍ରୀ ଅନୁରାଧା ନାଲି ଫିତା ବାନ୍ଧି ପୂଜାର୍ଚ୍ଚନା କଲାପରେ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ପୂର୍ବରୁ ଲଗାଇଥିବା ଗଛରେ ଫିତା ବାନ୍ଧି ପୂଜାର୍ଚ୍ଚନା କରିଥଲେ। ଏହାପରେ ରାସ୍ତା ପାର୍ଶ୍ୱରେ ଜାମୁ, ନିମ୍ବ, ଆମ୍ବ, କରଞ୍ଜ ଚାରା ରୋପଣ କରିଥିଲେ। ଚାରା ରୋପଣ ପରେ କ୍ଲବ ସଦସ୍ୟ ଓ ଗ୍ରାମର ମହିଳା, ପୁରୁଷମାନେ ଗାଁ ନିକଟ ଟୁଙ୍ଗୁରି ଉପରେ ଥିବା ଶିବ ମନ୍ଦିରରେ ସମବେତ ହୋଇ ପ୍ରତିବର୍ଷ ଚାରା ରୋପଣ କରିବା, ଜଙ୍ଗଲରେ ନିଆ ନ ଲଗାଇବା, ଆବଶ୍ୟକ ବିନା ଗଛ ନ କାଟିବା ପାଇଁ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବଡ଼ଗାଁର ପରମାନନ୍ଦ ପାଣିଗ୍ରାହୀ, କେଶବ କରସେଲଙ୍କ ସହିତ ଚେମଠାପଡାର ବସନ୍ତ ଗୌଡ, ଭୁବନେଶ୍ୱର ପ୍ରଧାନ, ଗୀତାଞ୍ଜଳି ପ୍ରଧାନ, ପୂର୍ଣ୍ଣିମା ପ୍ରଧାନ, ରୁଦ୍ରାଣୀ ରାଉଡ଼ିଆ, କୁଞ୍ଜଲତା ପ୍ରଧାନ, ସୁରତ ରାମ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ରେଢ଼ାଖୋଲ ଓକିଲ ସଂଘର ଚେତାବନୀ ଦିବସ


ଓକିଲସଂଘ ପକ୍ଷରୁ ଉପଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଉଛି।

**ରେଢ଼ାଖୋଲ,୮।୭(ଡି.ଏନ.ଏ.)**

ହାଇକୋର୍ଟ ସ୍ଥାୟୀବେଞ୍ଚ ପ୍ରତିଷ୍ଠା ଦାବିରେ ପଶ୍ଚିମ ଓଡ଼ିଶା ଓକିଲ ସଂଘର କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଆହ୍ୱାନକ୍ରମେ ରେଢ଼ାଖୋଲ ଓକିଲସଂଘ ପକ୍ଷରୁ ଶୁକ୍ରବାର ଚେତାବନୀ ଦିବସ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ଅଭୟ କୁମାର ବୀରଙ୍କ ନେତୃତ୍ୱରେ ସଦସ୍ୟମାନେ ସ୍ଥାନୀୟ କଚେରୀ ଛକରୁ ବାଇକ୍ ରାଲିରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶରେ ଉପଜିଲାପାଳ ପବିତ୍ର ବେହେରାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସଂଘ ସମ୍ପାଦକ ଉମାକାନ୍ତ ମହାନନ୍ଦ, ବରିଷ୍ଠ ଓକିଲ ଶିବପ୍ରସାଦ ପ୍ରଧାନ, ଶମ୍ଭୁପ୍ରସାଦ ପ୍ରଧାନ, ବିମଳ ପ୍ରଧାନ, ଦୟାସାଗର ପ୍ରଧାନ, ଗଣେଶ୍ୱର ପ୍ରଧାନ, ଅଚ୍ୟୁତାନନ୍ଦ ପୁରୋହିତ, ସୁଜିତ ପ୍ରଧାନ, ବିରାମ ପ୍ରଧାନ, ଜନ୍ମେଜୟ ସାହୁ ପ୍ରମୁଖ ସାମିଲ ଥିଲେ।

## ହାଇସ୍କୁଲରେ ବିଦ୍ୟାଳୟ ସୁରକ୍ଷା ସପ୍ତାହ


ଅଗ୍ନିଶମ କର୍ମଚାରୀ ନମୁନା ପ୍ରଦର୍ଶନ କରୁଛନ୍ତି।

**ନାକଟିଦେଉଳ,୮।୭(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ ଜଗନ୍ନାଥପ୍ରସାଦସ୍ଥିତ ପବିତ୍ର ମୋହନ ଉଚ୍ଚବିଦ୍ୟାଳୟଠାରେ ଶୁକ୍ରବାର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟାଳୟ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବିଇଓ ବିଜୟ କୁମାର ପାତ୍ର ସଭାପତିତ୍ୱ କରିଥିଲେ। ଏଥିରେ ପବିତ୍ର ମୋହନ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ହୀରାଲାଲ ଧଳ, ଅତିରିକ୍ତ ବିଇଓ ଚନ୍ଦ୍ରମଣୀ ବେହେରା, ନାକଟିଦେଉଳ ଅଗ୍ନିଶମ ବିଭାଗର ଅଧିକାରୀ ପାସକାଲ କୁଲୁ, ନାକଟିଦେଉଳ ସିଆର୍‌ସିସି ମହେଶ୍ୱର ପ୍ରଧାନ ପ୍ରମୁଖ ଯୋଗଦେଇ ଅଗ୍ନିକାଣ୍ଡ, ବନ୍ୟା, ବାତ୍ୟା, ଦୁର୍ଘଟଣା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜେ ସୁରକ୍ଷିତ ରହିବା ସହ ଅନ୍ୟମାନଙ୍କୁ କିଭଳି ସୁରକ୍ଷା ଦିଆଯାଇପାରିବ ସେ ଉପରେ ଆଲୋଚନା କରିଥିଲେ। ପରେ ଅଗ୍ନିଶମ ବିଭାଗ ପକ୍ଷରୁ ଏହାର ନମୁନା ପ୍ରଦର୍ଶନ କରାଯାଇଥିଲା। ଗ୍ୟାସ୍ ସିଲିଣ୍ଡର ଫାଟି ଧନଜୀବନ ହାନି ଘଟୁଥିବା ବେଳେ ଏଥିରୁ କିପରି ରକ୍ଷା କରାଯାଇ ପାରିବ ସେ ନେଇ ମଧ୍ୟ ନମୁନା ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକଙ୍କ ସମେତ ଅଗ୍ନିଶମ ବିଭାଗର କର୍ମଚାରୀ ଯୋଗଦେଇଥିଲେ।

## ଦର୍ଲିପାଲି ଲୋଚନ ହାଇସ୍କୁଲରେ ବନମହୋତ୍ସବ

**ଲେଫ୍ରିପଡ଼ା,୮।୭(ଡ଼ି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ଦର୍ଲିପାଲି ଲୋଚନ ହାଇସ୍କୁଲରେ ଶୁକ୍ରବାର ବନମହୋତ୍ସବ ପାଳିତ ହୋଇଯାଇଛି। ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପଟେଲଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ପରିବେଶବିତ ପ୍ରହ୍ଲାଦ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍କୁଲ ପରିସରରେ ବୃକ୍ଷରୋପଣ ଶୁଭାରମ୍ଭ କରିଥିଲେ। ଏହା ସହ ବନମହୋତ୍ସବର ତାତ୍ପର୍ଯ୍ୟ ଉପରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରତି ଛାତ୍ରୀ ଛାତ୍ର ସବୁ ବର୍ଷ ଗଛଟିଏ ଲଗାଇ ଏହାର ଯତ୍ନ ନେବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ହାଇସ୍କୁଲର ସମସ୍ତ ଶିକ୍ଷକ ଏବଂ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।


ବନମହୋତ୍ସବ କାର୍ଯ୍ୟକ୍ରମରେ ଅତିଥି ଛାତ୍ରୀଛାତ୍ର।

## ଜିଲାସ୍ତରୀୟ କଳାକାର ସାମର୍ଥ୍ୟ ପରୀକ୍ଷା

**ଦେବଗଡ଼,୮।୭(ଡି.ଏନ.ଏ)**

ଜିଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଶୁକ୍ରବାର ଜିଲାସ୍ତରୀୟ କଳାକାର ସାମର୍ଥ୍ୟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଜିଲା ଲୋକସମ୍ପର୍କ ତଥା ସଂସ୍କୃତି ବିଭାଗ ଅଧିକାରୀ ମନୋରଞ୍ଜନ ସୁତାରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବୀକା ବିଲୁଙ୍ଗ, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡକ୍ଟର ଭାରତ ଭୂଷଣ ନନ୍ଦ, ଜିଲା ସଂସ୍କୃତି ପରିଷଦ ସଂଯୋଜକ ଆଇନଜୀବୀ ଦିଲୀପ କୁମାର ଗୁରୁ ଓ ବରିଷ୍ଠ ନାଟ୍ୟକାର ମାର୍କଣ୍ଡେଶ୍ୱର ଶତପଥୀ ପ୍ରମୁଖ ମଞ୍ଚାସିନ ରହି ଶ୍ରୀଜଗନ୍ନାଥଙ୍କ ଫୋଟ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି କଳାକାର ସାମର୍ଥ୍ୟ ପରୀକ୍ଷାରେ ଲୋକନୃତ୍ୟ, ଡ୍ରାମା, କ୍ଲାସିକାଲ ନୃତ୍ୟ, ବାଦ୍ୟ ଓ ସଙ୍ଗୀତରେ ନିପୁଣ କଳାକାରଙ୍କୁ ଚୟନ କରାଯାଉଛି। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ସାମର୍ଥ୍ୟ ପରୀକ୍ଷା ଆସନ୍ତା ୧୦ ତାରିଖ ଯାଏଁ ଅନୁଷ୍ଠିତ ହେବାକୁ ଥିବାବେଳେ ଜିଲାର ବିଭିନ୍ନ ପ୍ରାନ୍ତରୁ ବହୁ କଳାକାର ଏହି ସାମର୍ଥ୍ୟ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ।

## ମହର୍ଷି ଦୟାନନ୍ଦ କନିଷ୍ଠ ମହାବିଦ୍ୟାଳୟରେ ବନମହୋତ୍ସବ

**ସୁନ୍ଦରଗଡ,୮।୭(ଡି.ଏନ.ଏ.)**

ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ରଙ୍ଗିଆମୁଣ୍ଡା ସ୍ଥିତ ମହର୍ଷି ଦୟାନନ୍ଦ କନିଷ୍ଠ ମହାବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଏନଏସଏସ ପ୍ରୋଗ୍ରାମ ଅଧିକାରୀ ତଥା ଶିକ୍ଷା ବିଭାଗର ଅଧାପକ ଗୁଣମଣି ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀ ଛାତ୍ର, ଅଧାପିକା ଅଧାପକ, କର୍ମଚାରୀ ବୃକ୍ଷ ରୋପଣ କରିଥିଲେ।


ଶୁକ୍ରବାର ରାତିରେ ଝାଡୁଆପଡ଼ା ବ୍ରହ୍ମପୁରା ଠାକୁରଙ୍କ ରାଜ ରାଜେଶ୍ୱର ବେଶ ।

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଓକିଲସଂଘର ସ୍ମାରକପତ୍ର

**ଝାରସୁଗୁଡ଼ା ଅଫିସ,୮।୭**

ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଆହ୍ୱାନକ୍ରମେ ଝାରସୁଗୁଡା ଜିଲା ବାର୍ ଆସୋସିଏଶନ ତରଫରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସରୋଜ କୁମାର ସାମଲଙ୍କୁ ୧୨ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ବାର୍ ଆସୋସିଏଶନ ସଦସ୍ୟମାନେ ବ୍ୟାନର, ପୋଷ୍ଟର ଧରି ଜିଲା ଜଜ୍ କୋର୍ଟ ସମ୍ମୁଖରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ପରେ ସେଠାରେ ବାର୍ ଆସୋସିଏଶନ ସଭାପତି ତ୍ରିନାଥ ଗୁଆଲଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସଂଘର ଦିନେଶ ଜୈନ, ଲୋକନାଥ ଗୁରୁ, ତୁଳସୀ ପ୍ରସାଦ ଦାଶ, ସନ୍ଦିପ ଅଗସ୍ତି, ବସନ୍ତ ସାହୁ, ସୀତାରାମ ଦାଶ, ପଦ୍ମନାଭ ମାଳୀ, ବି ନାଗେଶ୍ୱରୀ, ଦୀପକ ପଟେଲ, କିଶୋର ଚନ୍ଦ୍ର ପଟେଲ ସାମିଲ ଥିଲେ।



ଜିଲାପାଳଙ୍କ ଅଫିସ ଅଭିମୁଖେ ବାହାରିଥିବା ଓକିଲସଂଘ ରାଲି।

**ବନ ମହୋତ୍ସବ ସପ୍ତାହରେ ତାରା ରୋପଣ**

ବୋଡେନ,(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ଜେଏମ୍ଏଫ୍‌ସି କୋର୍ଟ ବିଚାରପତିଙ୍କ ନବନିର୍ମିତ ସରକାରୀ ବାସଗୃହ ସମ୍ମୁଖରେ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଚାରାରୋପଣ କରାଯାଇଛି। ବିଚାରପତି ନରୋଜ କୁମାର ସାହୁଙ୍କ ସହ ସମସ୍ତ ଅଧିକାରୀ, କର୍ମଚାରୀ ତଥା ଓକିଲ ସଂଘ ସଭାପତି ହିରାଲାଲ ମାଝିଙ୍କ ସହ ଓକିଲ ହୃଷିକେଶ ବିଶ୍ୱାଲ, ଗୌତମ ନିଆଲ ଓ ବିଭୁତି ଭୁଷଣ ସତଙ୍ଗି ପ୍ରମୁଖ ଉପସ୍ଥିତ ରହି ଚାରା ରୋପଣ କରିଥିଲେ।

## ସଂକ୍ଷେପରେ

### ମାଓବାଦୀ-ସୁରକ୍ଷା କର୍ମୀ ମଧ୍ୟରେ ଗୁଳି ବିନିମୟ

**ନୂଆପଡ଼ା ଅଫିସ,୮।୭:** ନୂଆପଡା-ଛତିଶଗଡ ସୀମାନ୍ତ ସୁନାବେଡା ଅଭୟାରଣ୍ୟ ଭିତରେ ସୁରକ୍ଷା କର୍ମୀ ଓ ମାଓବାଦୀ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି। ଶୁକ୍ରବାର ନୂଆପଡା ଓ ଛତିଶଗଡ ଏସଓଜିଙ୍କ ମିଳିତରେ ସୁରକ୍ଷା କର୍ମୀ ଓ ମାଓବାଦୀ ମଧ୍ୟରେ ଗରିଆବନ୍ଧ ଜିଲା ଆମାମୋରା ନିକଟସ୍ଥ ଓରିଗାଁଠାରେ ଗୁଳି ବିନିମୟ ଚାଲିଥିବା ଖବର ମିଳିଛି। ପ୍ରାପ୍ତ ସୂଚନା ମୁତାବକ ଗତ ୨୧ ତାରିଖରେ ପାଟଦର୍ହା ସଂରକ୍ଷିତ ଜଙ୍ଗଲରେ ମାଓବାଦୀ ଗୁଳିରେ ୩ଜଣ ସୁରକ୍ଷା କର୍ମୀ ଶହୀଦ ହୋଇଥିଲେ। ଏହି ଘଟଣା ପରଠାରୁ ନୂଆପଡା ଓ ଛତିଗଡ ପୋଲିସ ଦ୍ୱାରା ସୁନାବେଡା ଅଭୟାରଣ୍ୟରେ କୋମ୍ବିଂ ଅପରେଶନ ଜୋରଦାର କରାଯାଇଛି। ମାଓବାଦୀମାନେ ବଡ ଧରଣର ଘଟଣା ନ ଘଟାଇବା ପୂର୍ବରୁ ସୁରକ୍ଷା କର୍ମୀଙ୍କ ହାବୁଡରେ ପଡି ଯାଇଛନ୍ତି। ଏମାନେ କୌଣସି ଉଦ୍ଦେଶ୍ୟ ନେଇ ଓଡିଶା ସୀମାକୁ ଆସୁଥିବା ସନ୍ଦେହ କରାଯାଉଛି। ଖବର ଲେଖା ଯିବା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଖବର ହସ୍ତଗତ ହୋଇ ନ ଥିଲା।

### ସମନ୍ୱୟ ସମିତି ପକ୍ଷରୁ ରକ୍ତଦାନ ଶିବିର

**ନୂଆପଡ଼ା ଅଫିସ,୮।୭:** ସ୍ଥାନୀୟ ସଦର ମହକୁମାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତକେନ୍ଦ୍ର ପରିସରରେ ଜିଲା ସାମ୍ବାଦିକ ସମନ୍ୱୟ ସମିତି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ନୂଆପଡା ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଅନ୍ୟତମ ଅତିଥି ଭାବେ ଓସିଏ ଉପସଭାପତି ସରୋଜ କୁମାର ସାହୁ, ଅତିରିକ୍ତ ଜିଲା ମୁଖ୍ୟ ଅଧିକାରୀ ଡା.ଲଳିତ ମୋହନ ବିଶି, ସଞ୍ଜୟ ପୁରୋହିତ, କ୍ଷୀରୋଦ ପାଢୀ, ଭାଜପା ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା ଯୋଗଦେଇଥିଲେ। ଶିବିରରେ ଜିଲା ସାମ୍ବାଦିକ ସମନ୍ୱୟ ସମିତି ଆବାହକ ବିଜୟ କୁମାର ସହିସ, ଜିଲା ପ୍ରେସ କ୍ଲବ ଉପ ସଭାପତି ଡେନିସ ରାୟ,ଏନଡିୟୁଜେ ସଭାପତି ସୁଶାନ୍ତ କର, ଜିଲା ସାମ୍ବାଦକି ସଂଘ ସଭାପତି ଲୋକନାଥ ମହାପାତ୍ର ପରିଚାଳନା କରିଥିଲେ। ରକ୍ତଦାନ ଶିବିରରେ ମୋଟ ୨୦ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। କୁମରମଣି ମହାନନ୍ଦ, ଶିଶିର ଭୂୟାଁ, ଦୀପକ ମିଶ୍ର, ରଞ୍ଜିତ ପଣ୍ଡା, ହରେରାମ କରୁଆଁ, ରମାକାନ୍ତ ବନଛୋର, ସୁରେନ୍ଦ୍ର ତିୱାରୀ ପ୍ରମୁଖ ସମେତ ସମସ୍ତ ଖବରଦାତା ସହଯୋଗ କରିଥିଲେ।

### ଅର୍ଦ୍ଧେନ୍ଦୁଙ୍କୁ ନିଃସର୍ତ୍ତ ଖଲାସ ଦାବିରେ ଦାବିପତ୍ର

**ଧର୍ମଗଡ,୮।୭(ଡି.ଏନ.ଏ.):** ବରିଷ୍ଠ ଖବରଦାତା ତଥା ଏକ ଘରୋଇ ଚାନେଲର ମୁଖ୍ୟ ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସଙ୍କୁ ଗିରଫକୁ କଳାହାଣ୍ଡି ଜିଲା ଧର୍ମଗଡ଼ଠାରେ ବୁଦ୍ଧିଜୀବୀ ଓ ସାମ୍ବାଦିକ ଫୋରମ ପକ୍ଷରୁ ପ୍ରତିବାଦ କରାଯାଇଛି। ଉପଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏ ନେଇ ସ୍ଥାନୀୟ ଏକ ହୋଟେଲରେ ଧର୍ମଗଡ ଓକିଲ ସଂଘ ଉପସଭାପତି ଜୟଦ୍ରଥ ମହାନନ୍ଦଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଯୁବନେତା ଦିଗାମ୍ବର ଦୁରିଆ, ଭାଜପା ଜିଲା ଉପସଭାପତି ଲକ୍ଷ୍ମୀ କାନ୍ତ ବାଗ, ଓଷ୍ଟାର ପୂର୍ବତନ ସଭାପତି ଜଗବନ୍ଧୁ ମିଶ୍ର, ଆଇନଜୀବୀ ସନ୍ତୋଷ ପାଢୀ ପ୍ରମୁଖ ଯୋଗଦେଇ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ଭର୍ତ୍ସନା କରିଥିଲେ। ପରେ ଶୋଭାଯାତ୍ରା ମାଧମରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆସି ଦାବିପତ୍ର ପ୍ରଦାନ କରିଥିଲେ।

### ବନ ମହୋତ୍ସବ ସପ୍ତାହ ପାଳନ

**ଖଡ଼ିଆଳ,୮।୭(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ନିମ୍ବ, ଦେବଦାରୁ, ଅଁଳା ଆଦି ଚାରା ରୋପଣ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନକୁଳ ଶବରଙ୍କ ସମେତ ଇକୋ କ୍ଲବ ଇନଚାର୍ଜ ରତନ ସିଂହ ବାରିକ, ଏନ୍‌ସିସି ଅଫିସର ଅକ୍ଷୟ କୁମାର ରଥ, ବକ୍ସି ଜଗବନ୍ଧୁ ସ୍କାଉଟ ଟ୍ରୁପର ସ୍କାଉଟ ମାଷ୍ଟର ଅଶୋକ କୁମାର ବେହେରା, ଆର୍ତ୍ତତ୍ରାଣ ସାହିତ୍ୟ ସଂସଦ ତଥା ଲିଗାଲ ଲିଟ୍ରେସି କ୍ଲବ ଇନଚାର୍ଜ ଗୌରାଙ୍ଗ କୁମାର ସାହୁ, ଶିକ୍ଷକ ସୁର ବିଜୟ କାନ୍ତ ତାଣ୍ଡି, ଗୌରୀ ଶଙ୍କର ଦୁବେ, ପ୍ରଶାନ୍ତ କୁମାର ପଣ୍ଡା, ନାଳିମା ରାଣୀ ସାଗର, ପ୍ରଭୁଦତ୍ତ ପୁରୋହିତ, ରାଜଶ୍ରୀ ଦଣ୍ଡସେନା, ନିରଞ୍ଜନ ବିଶ୍ୱାଳ, ସରସ୍ୱତୀ ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରତ୍ୟେକ ବିଭାଗର ଛାତ୍ରୀଛାତ୍ରମାନେ ଏଥିରେ ଅଂଶଗ୍ରହଣ କରିଥିଲେ।

# ଶିକ୍ଷକ ନିଯୁକ୍ତି ଦାବିରେ ସ୍କୁଲ ଗେଟ୍‌ରେ ତାଲା

**ଦେଓଗାଁ,୮।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ କଛାରପାଲି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି ନେଇ ସ୍କୁଲ ପରିଚାଳନା କମିଟି, ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଶୁକ୍ରବାର ବିଦ୍ୟାଳୟ ଗେଟରେ ତାଲା ପକାଯାଇ ଧାରଣା ଦିଆଯାଇଥିଲା ।

ପ୍ରକାଶ ଯେ, ଉକ୍ତ ପ୍ରାଥମିକ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୩୮ ଜଣ ଛାତ୍ରୀଛାତ୍ରଙ୍କୁ ତିନି ଜଣ ଶିକ୍ଷକ ପାଠ ପଢାଉଥିଲେ । ଫଳରେ ବିଦ୍ୟାଳୟରେ ପାଠପଢା ଠିକ ଭାବେ ହେଉ ନ ଥିବା ଛାତ୍ରୀଛାତ୍ରୀ ଅଭିଯୋଗ କରିଥିଲେ। ଏହି ବିଦ୍ୟାଳୟରେ ପାଞ୍ଚ ଜଣ ଶିକ୍ଷକ ଥିବା ବେଳେ ଗତ ୧୫ ଦିନ ପୂର୍ବରୁ ଶିକ୍ଷା ବିଭାଗ ବିନା କାରଣରେ ଦୁଇ ଜଣ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରିଥିଲେ । ଏ ନେଇ ଗତ ୪ ତାରିଖରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଶିକ୍ଷକ ନିଯୁକ୍ତି କରିବା ପାଇଁ ପରିଚାଳନା କମିଟି ସଭାପତି ଠଣସୁନ୍ଦର ବାରିକ ପତ୍ର ଲେଖିଥିଲେ । ୬ ତାରିଖ ସୁଦ୍ଧା କଛାରପାଲି ବିଦ୍ୟାଳୟକୁ ଶିକ୍ଷକ ଦିଆ ନ ଗଲେ ସ୍କୁଲରେ ତାଲା ଦେବୁ ବୋଲି ଜଣାଇଥିଲେ । ଦାବି ପୂରଣ ନ ହେବାରୁ କମିଟି ସଦସ୍ୟ, ଅଭିଭାବକ ଓ ଛାତ୍ରୀଛାତ୍ର ଗେଟ ସମ୍ମୁଖରେ ଦୀର୍ଘ ଚାରି ଘଣ୍ଟା ଧରି ଧାରଣା ଦେଇଥିଲେ। ଖବର ପାଇ ଦେଓଗାଁ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅଜିତ କୁମାର ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଦୁଇ ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବା ନେଇ ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ବର୍ତ୍ତମାନ ଉକ୍ତ ବ୍ଲକରେ ଶିକ୍ଷକ ବଦଳି ଓ ଶିକ୍ଷକ ଅଭାବକୁ ନେଇ ବିଭିନ୍ନ ବିଦ୍ୟାଳୟରେ ଆନ୍ଦୋଳନ ଦେଖିବାକୁ ମିଳୁଛି। ବ୍ଲକରେ ବର୍ତ୍ତମାନ ୧୧୪ ଶିକ୍ଷକ ପଦବୀ ଖାଲି ପଡିଥିବା ବେଳେ ଜିଲା ପ୍ରଶାସନ ପଦକ୍ଷେପ ନେଉ ନ ଥିବାରୁ ଏଭଳି ସମସ୍ୟା ହେଉଛି ବୋଲି ଏବିଇଓ ମିଶ୍ର ପ୍ରକାଶ କରିଛନ୍ତି । ଏପରି କି ଉକ୍ତ ବ୍ଲକର ଅନେକ ବିଦ୍ୟାଳୟରେ କମ୍ ଛାତ୍ର ଥିଲେ ହେଁ ତିନିରୁ ଚାରି ଜଣ ଶିକ୍ଷକ ରହିଥିବା ନଜିର ରହିଛି। ଏ ଦିଗରେ ଜିଲା ଶିକ୍ଷା ଅଧିକାରୀ ତଥା ଜିଲାପାଳ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଭାବକ ମହଲରେ ଦାବି ହେଉଛି।



ପ୍ରାଥମିକ ବିଦ୍ୟାଳୟ ଗେଟ ସମ୍ମୁଖରେ ଧାରଣା ଦିଆଯାଇଛି।

# ମଠରେ ପହଞ୍ଚିବା ପରେ ବୃଦ୍ଧ ମହନ୍ତଙ୍କ ମୃତ୍ୟୁ

**ଭବାନୀପାଟଣା/ଗୋଲାମୁଣ୍ଡା, ୮।୭(ସ୍ୱ.ପ୍ର./ଡି.ଏନ.ଏ.)**

- ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା, ମାନବିକତା ପଦାକୁ ଆସିଲା
- ଟଙ୍କା ଉଠାଇବାକୁ ବୃଦ୍ଧ ମହନ୍ତଙ୍କୁ ବ୍ୟାଙ୍କକୁ ବୋହି ଆଣିଥିଲେ

କଳାହାଣ୍ଡି ଜିଲା ଧର୍ମଗଡ ଷ୍ଟେଟ ବ୍ୟାଙ୍କରୁ ଟଙ୍କା ଉଠାଣ ପାଇଁ ଜଣେ ମୁମୂର୍ଷୁ ବୃଦ୍ଧ ମହନ୍ତଙ୍କୁ ତାଙ୍କର ୨ ଶିଷ୍ୟ ବୋହି ଆଣୁଥିବା ଭିଡିଓ ଗୁରୁବାର ଭାଇରାଲ ହୋଇଥିଲା। ଯାହା ବିଭିନ୍ନ ସୋସିଆଲ ମିଡିଆ ଓ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲାରେ ହଇଚଇ ସୃଷ୍ଟି କରିଥିଲା। ଏହି ଘଟଣାରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଓ ମାନବିକତାକୁ ପଦାକୁ ପଡିଥିବା ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲା। ତେବେ ମଠରେ ପହଞ୍ଚିବା ପରେ ବୃଦ୍ଧ ମହନ୍ତଙ୍କ ଉକ୍ତ ରାତିରେ ମୃତ୍ୟୁ ହୋଇଥିବା ଜଣାପଡିଛି। ଶୁକ୍ରବାର ସକାଳରେ ତାଙ୍କର ଶବସତ୍କାର କରାଯାଇଛି। ଏପରି ଦୁଃଖଦ ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରକାଶ ଯେ, ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବଡଚେରଗାଁ ପଞ୍ଚାୟତ କର୍ଲା ଗ୍ରାମରେ ଥିବା ଅନ୍ତରଙ୍ଗ ମହିମାମଠର ମହନ୍ତ ବୃଦ୍ଧ ଧର୍ମାନନ୍ଦ ଦାସଙ୍କୁ ଗୁରୁବାର ତାଙ୍କର ୨ଜଣ ଶିଷ୍ୟ ଭୁଲା ବାଗ ଓ ଆଜନ୍ମ ବ୍ରହ୍ମଚାରୀ ରାମେଶ୍ୱର ଦାସ ମଠ ମହନ୍ତ ଦାସଙ୍କୁ ଧରି ଧର୍ମଗଡସ୍ଥିତ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାକୁ ଜମା ଟଙ୍କା ଉଠାଇବାକୁ ଆଣିଥିଲେ। ଏହି ସମୟରେ ସେମାନେ ମୁମୂର୍ଷୁ ଅବସ୍ଥାରେ ଥିବା ବାବାଙ୍କୁ ବୋହି ଆଣିଥିଲେ। ଶିଷ୍ୟ ୨ଜଣ କହିବାନୁଯାୟୀ, ବାବା ପ୍ରାୟ ସପ୍ତାହ ହେଲା ବାର୍ଦ୍ଧକ୍ୟ ଅବସ୍ଥା ଯୋଗୁ ଜଳ ବି ସ୍ପର୍ଶ କରି ନ ଥିଲେ। ସେ ବ୍ୟାଙ୍କକୁ ଆସିବା ସମ୍ଭବ ନୁହେଁ। ଜମା ଟଙ୍କା ଉଠାଣ ପାଇଁ ଜମାକାରୀଙ୍କୁ ସଶରୀରେ ଉପସ୍ଥିତ ହେବାକୁ ପଡିବ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ କହିବାରୁ ବାଧ ହୋଇ ଆମେ ମୁମୂର୍ଷୁ ବାବାଙ୍କୁ ଧରି ବ୍ୟାଙ୍କକୁ ଆସିଥିଲେ ବୋଲି କହିଛନ୍ତି।

# କିଡ଼ିଙ୍ଗ, ଲାଞ୍ଜିଗଡ଼ରୋଡ଼୍ ପଞ୍ଚାୟତକୁ ମରୁଡ଼ି ଘୋଷଣା କର

**ଲାଞ୍ଜିଗଡ଼,୮।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ଼ ଗ୍ରାମପଞ୍ଚାୟତର କିଡ଼ିଙ୍ଗ, ମାଡ଼ିବନ୍ଧା, କାଉଗୁଡ଼ା ସମେତ ପଞ୍ଚାୟତ ଅଞ୍ଚଳର ଚାଷଜମି ଲଗାତାର ଗତ ତିନିବର୍ଷ ହେଲା ମରୁଡ଼ି ସମ୍ମୁଖୀନ ହେଉଛି। ବର୍ଷକୁ ବର୍ଷ ମରୁଡ଼ି ସତ୍ତ୍ୱେ ଚାଷୀଙ୍କ ଜୀବନଜୀବିକା ଚାଷ କାର୍ଯ୍ୟ ଏବଂ ବାରମ୍ବାର କ୍ଷତି ସହିଲେ ବି ଚାଷ ବ୍ୟତୀତ ସେମାନଙ୍କ ଅନ୍ୟ କୌଣସି ଉପାୟ ନାହିଁ। ଗତ ତିନିବର୍ଷ ଧରି ଲଗାତାର ମରୁଡ଼ି ଫଳରେ ପଞ୍ଚାୟତ ସମସ୍ତ ଚାଷୀ ସର୍ବସ୍ୱାନ୍ତ ହୋଇପଡ଼ିଛନ୍ତି। ଧାରକରଜ କରି ଚାଷ କରି ନୟାନ୍ତ ହେଲେଣି। ଏ ବର୍ଷ କେମିତି ଚାଷ କରିବୁ ସାହସ ପାଉନାହାନ୍ତି। ସରକାରଙ୍କ ପକ୍ଷରୁ ଲାଞ୍ଜିଗଡ଼ ବ୍ଲକର କେତେକ ପଞ୍ଚାୟତକୁ ଏଥର ମରୁଡ଼ି ଘୋଷଣା କରାଯାଇଥିବା ବେଳେ ସେଥିରୁ ଲାଞ୍ଜିଗଡ଼ରୋଡ଼ ପଞ୍ଚାୟତ ବାଦ ପଡ଼ିଛି। ଏହାକୁ ନେଇ ଲାଞ୍ଜିଗଡ଼ରୋଡ଼ ଗ୍ରାମପଞ୍ଚାୟତ ଅଞ୍ଚଳର ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଲାଞ୍ଜିଗଡ଼ରୋଡ଼ ପଞ୍ଚାୟତକୁ



ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ତହସିଲଦାରଙ୍କୁ ଦାବିପତ୍ର**

ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ସହିତ ବୀମା ଏବଂ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ଶୁକ୍ରବାର ଅଞ୍ଚଳର ଚାଷୀମାନେ ଲାଞ୍ଜିଗଡ଼ ତହସିଲଦାର ମୁନୀନ୍ଦ୍ର ହୋନ୍ନାଗାଙ୍କ ଜରିଆରେ କଳାହାଣ୍ଡି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ଏକ କପି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ, କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ କମିଶନର ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନଙ୍କୁ ଚିଠି ଲେଖି ଦାବି କରିଛନ୍ତି। ସୁଶୀଲ କୁମାର ବାଗ, ନୀଲେଶ କୁମାର ନାଗ, ଈଶ୍ୱର ବରର୍ଡ଼ି, ଗୋପାଳଦାସ ମହାନନ୍ଦଙ୍କ ନେତୃତ୍ୱରେ କୁନ୍ତ ଶବର, ଦେବେନ୍ଦ୍ର ମାଝି, ଭୂପତି ଶବର, ବୈଷ୍ଣବ ଶବର ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

# ଯୋଗାଣ ହେଉନି ସାନିଟାରି ନାପ୍‌କିନ୍

**ଲାଠୋର,୮।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର କ୍ଲଷ୍ଟର ଅଧୀନରେ ରହିଥିବା ବିଦ୍ୟାଳୟଗୁଡିକୁ ପ୍ରାୟ ଦୁଇ ବର୍ଷ ହେବ ସାନିଟାରୀ ନାପକିନ୍ ଯୋଗାଣ ହୋଇନାହିଁ। ଫଳରେ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଖୁସି ଯୋଜନା ମାଧ୍ୟମରେ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀମାନଙ୍କୁ ପରିଷ୍କାର ପରିଚ୍ଛନ୍ନ ରହିବା ପାଇଁ ମାଗଣାରେ ସାନିଟାରୀ ନାପକିନ୍ ଯୋଗାଣର ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ଲାଠୋର କ୍ଲଷ୍ଟର ଅଞ୍ଚଳରେ ରହିଥିବା ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରୀ ଉପକୃତ ହେଉଛନ୍ତି। ହେଲେ ଗତ ଜାନୁୟାରୀ ମାସରେ ଖପ୍ରାଖୋଲ ବ୍ଲକର କିଛି କ୍ଲଷ୍ଟର ଅଧୀନରେ ଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକମାନଙ୍କୁ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡକାଯାଇ ସାନିଟାରୀ ନାପକିନ୍ ପ୍ରଦାନ କରାଯାଇଥିବା ବେଳେ ଲାଠୋର କ୍ଲଷ୍ଟର ଅଧୀନରେ ଥିବା କୌଣସି ବିଦ୍ୟାଳୟକୁ ଆଜିଯାଏ ଯୋଗାଣ କରାଯାଇନାହିଁ। ପ୍ରଧାନଶିକ୍ଷକମାନେ ନାପକିନ୍ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କଲେ ଷ୍ଟକ ସରି ଯାଇଛି କହି କଥାକୁ ଏଡ଼ାଇ ଦିଆଯାଉଛି। ଫଳରେ ସ୍ଥାନୀୟ ଛାତ୍ରୀମାନେ ମାଗଣାରେ ନାପକିନ୍ ନ ପାଇ ଏହାକୁ ବଜାରରୁ କିଣି ଅଯଥାରେ ଖର୍ଚ୍ଚାନ୍ତ ହେଉଛନ୍ତି। ଏନେଇ ଖପ୍ରାଖୋଲ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଯୁଗଳ କିଶୋର ସାହୁଙ୍କୁ ପଚାରିବାରେ କୋଭିଡ଼ ପାଇଁ ଯୋଗାଣ ବନ୍ଦ ରହିଥିଲା,ଏବେ ଷ୍ଟକ ସରିଯାଇଛି। ଷ୍ଟକ ଆସିଲେ ଯୋଗାଣ କରିବୁ ବୋଲି ସେ କହିଥିଲେ। ତେବେ ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରିବାକୁ ଛାତ୍ରୀ ମହଲରେ ଦାବି ହେଉଛି।

# ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ବିକ୍ଷୋଭ

**ଜୁନାଗଡ,୮।୭(ଡି.ଏନ.ଏ.)**

**ବିଜେବି କଲେଜ ଛାତ୍ରୀ ରୁଚିକା ଆତ୍ମହତ୍ୟା ଘଟଣା**

ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତି ଆତ୍ମହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି ନେଇ ଗୁରବାର କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦାସିଗାଁଠାରେ ଏଆଇଏସଏଫ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ସଭାପତି ରାଜାରାମ ଡଙ୍ଗରୀଙ୍କ ନେତୃତ୍ୱରେ ଜିଲା ଉପସଭାପତି ଲିଙ୍କନ ବାଗ, ଢୁଲେଶ୍ୱର ଖମାରୀ, ସୁମନ କର, ଉପେନ୍ଦ୍ର କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାଳୟ ନିରାପତ୍ତା ଦିବସ ପାଳିତ



ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଫେଇ କରାଯାଉଛି।

**ନୂଆପଡ଼ା ଅଫିସ,୮।୭**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସିଆଲଲଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟ ନିରାପତା ଦିବସ ପାଳିତ ହୋଇଯାଇଛି। ୪ରୁ ଆରମ୍ଭ ହୋଇ ୮ରେ ଉଦ୍‌ଯାପିତ ହୋଇଛି। ୫ ଦିନ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଆରସିସି ଛନୁରାମ ନାଏକ ଅଧ୍ୟକ୍ଷତା କରିଥିବା ବେଳେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରେମଲାଲ ସତନାମୀଙ୍କ ତ୍ୱତାବଧାନରେ ବିଦ୍ୟାଳୟ ନିରାପତା ଦିବସ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଖେଳଶିକ୍ଷକ ଭରତ ଚେରକିଆ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର, ନିରାପତା କମିଟି ସଭାପତି, ସଦସ୍ୟାସଦସ୍ୟମାନଙ୍କୁ ବିଦ୍ୟାଳୟ ନିରାପତା ଦିବସ ଉପରେ ତାଲିମ ପ୍ରଦାନ କରିଥିଲେ। ଏହି ନିରାପତା କମିଟି ଦ୍ୱାରା ବିଦ୍ୟାଳୟ ନିରାପତା ଯୋଜନା କରାଯାଇ ବିଦ୍ୟାଳୟର ଚତୁଃପାର୍ଶ୍ୱ ସଫା ସୁତୁରା କରାଥିଲା। ବିଭିନ୍ନ ଜିନିଷ ଚିହ୍ନଟ କରିବା ସହିତ ବିପଦସଙ୍କୁଳ ସ୍ଥାନ ଚିହ୍ନଟ କରାଯାଇ ତାହାର ସମସ୍ୟା ସମାଧାନ କରାଯାଇଥିଲା। ରିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିବା ବେଳେ ମାଧୁରୀ ମାଝି, ହିମାଦ୍ରୀ ପ୍ରଧାନ, ଜୁଗଲ ଧରୁଆ, ଦିଲୀପ କୁମାର ସାହୁ, ଧନସିଂ ଧରୁଆ ସହଯୋଗ କରିଥିଲେ।

# ଅର୍ଦ୍ଧେନ୍ଦୁଙ୍କ ଗିରଫର ପ୍ରତିବାଦ, ଦାବିପତ୍ର

**ଲାଞ୍ଜିଗଡ଼/ନର୍ଲା,୮।୭(ଡି.ଏନ.ଏ.)**

ବରିଷ୍ଠ ଖବରଦାତା ତଥା ଏକ ଘରୋଇ ଚାନେଲର ମୁଖ୍ୟ ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସଙ୍କୁ ଗିରଫକୁ କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକରେ କାର୍ଯ୍ୟରତ ବିଭିନ୍ନ ଗଣମାଧ୍ୟମ, ରାଜନୈତିକ ଦଳ, ସାମାଜିକ ସଙ୍ଗଠନ ଓ ବୁଦ୍ଧିଜୀବୀମାନେ ବିରୋଧ କରଛନ୍ତି। ବିଶ୍ୱନାଥପୁର ଡାକ୍ତରଖାନା ଛକଠାରେ ଏକାଠି ହୋଇ ଏକ ଶୋଭାଯାତ୍ରାରେ ବାହାରି ଲାଞ୍ଜିଗଡ ତହସିଲଦାର ମୁନୀନ୍ଦ୍ର ହୋନ୍ନାଗାଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଶୋଭାଯାତ୍ରାରେ ସିପିଆଇଏମ ସମ୍ପାଦକ ପଦ୍ମନାଭ ବିଶ୍ୱାଳ, ଦେବାଧି ମାଝି, ଅତୁଳ ପାତ୍ର, ଲାଞ୍ଜିଗଡ଼ ବ୍ଲକ କଂଗ୍ରେସ କମିଟି ସଭାପତି ହରିହର କୁମାର, ନିତ୍ୟାନନ୍ଦ ସାହୁ, ଚାଞ୍ଚେର ମାଝି, ବରିଷ୍ଠ ଆଦିବାସୀ ନେତା ଶୁକ୍ରୁ ମାଝି, ଭାଜପା ନେତା ମଧୁସୂଦନ ବାଗଙ୍କ ସହ ସାମ୍ବାଦିକ ସଂଘ ସଦସ୍ୟଙ୍କ ସମେତ ଅନେକ ଲୋକ ଉପସ୍ଥିତ ଥିଲେ। ସେହିପରି ନର୍ଲା ବ୍ଲକ ଡାକବଙ୍ଗଳା ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ନର୍ଲା ବ୍ଲକର ବିଭିନ୍ନ ପ୍ରାନ୍ତରୁ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ବରିଷ୍ଠ ଆଇନଜୀବୀ, ବୁଦ୍ଧିଜୀବୀ, ସଚେତନ ନାଗରିକ, ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ଦୃଢ଼ ନିନ୍ଦା କରିବା ସହ ଏହା ଗଣତନ୍ତ୍ର ପ୍ରତି ଶୁଭଙ୍କର ନୁହେଁ ବୋଲି କହିଥିଲେ। ଡାକ ବଙ୍ଗଳାଠାରୁ ଶୋଭାଯାତ୍ରାରେ ଯାଇ ସମସ୍ତ ପ୍ରତିନିଧି ମଣ୍ଡଳୀ ନର୍ଲା ଡିଏସ୍‌ପି ସମ୍ବିତ ମାଝିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# ଭରୁଆମୁଣ୍ଡା ହାଇସ୍କୁଲରେ ବନ ମହୋତ୍ସବ କାର୍ଯ୍ୟକ୍ରମ

**ସିନାପାଲି,୮।୭(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଭରୁଆମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ସ୍ଥାନୀୟ ପ୍ରଧାନ ଶିକ୍ଷକ ଶ୍ରୀନିବାସ ପାତ୍ରଙ୍କ ନେତୃତ୍ୱରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ସମସ୍ତ ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଲୋକଙ୍କୁ ଚାରା ରୋପଣ କରି ପରିବେଶ ସୁରକ୍ଷା ପାଇଁ ସଚେତନ କରିଥିଲେ। କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶତାଧିକ ଚାରା ରୋପଣ କରାଯାଇଥିଲା। ସିନାପାଲି ବନ ବିଭାଗ ପକ୍ଷରୁ ଫରେଷ୍ଟର ଖଗେଶ୍ୱର ମାଝି ଉପସ୍ଥିତ ରହି ଉତ୍ସାହ କରିବା ସହ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।




ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରୁଛନ୍ତି।

# କେନ୍ଦ୍ର ଅତିରିକ୍ତ ସଚିବଙ୍କ ଉନ୍ନୟନ ପ୍ରକଳ୍ପ ପରିଦର୍ଶନ

**ଟିଟିଲାଗଡ଼,୮।୭(ଡି.ଏନ.ଏ.)**

କେନ୍ଦ୍ର ଜଳ ଶକ୍ତି ଅଭିଯାନର ନୋଡାଲ ଅଧିକାରୀ ତଥା ଅତିରିକ୍ତ ସଚିବ ଡ. ଚନ୍ଦ୍ରଶେଖର କୁମାରଙ୍କ ନେତୃତ୍ୱରେ ଏକ ଟିମ୍ ଶୁକ୍ରବାର ଟିଟିଲାଗଡ ଗସ୍ତ କରି ବିଭିନ୍ନ ଉନ୍ନୟନ ପ୍ରକଳ୍ପ ତଦାରଖ କରିଛନ୍ତି। କୁମାରଙ୍କ ସହ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା, ଟିଟିଲାଗଡ ଉପଜିଲାପାଳ ମନୋଜ ସତ୍ୟବାନ ମହାଜନ, ଡିଆରଡିଏ ଏପିଡି ଡ. ଗୁଣନିଧି ନାଏକ, ଜୁଡା ପିଡି ସୁଦର୍ଶନ ସାଏ, ଡିଆଇପିଆରଓ ଜୟଦେବ ପାଣିଗ୍ରାହୀ ପ୍ରମୁଖ ଅଧିକାରୀ ସହର ଉପକଣ୍ଠସ୍ଥ ଅଭିନବ ଚେକ୍‌ଡ୍ୟାମ, ପ୍ରାଚୀନ ଜଳାଶୟ ମହାରାଜ ସାଗରର ସୌନ୍ଦର୍ଯ୍ୟକରଣ, ଟିଟିଲାଗଡ ବାଳକ ଉଚ୍ଚ ବିଦ୍ୟାଳୟକୁ ବୁଲି ଦେଖିଥିଲେ। ମହାରାଜ ସାଗରର ସୌନ୍ଦର୍ଯ୍ୟକରଣ କାମ ଦେଖିବା ସହ ବାହାର ମଇଳା ପାଣି ଯେଭଳି ପୋଖରୀକୁ ପ୍ରବେଶ ନ କରିବ ସେ ନେଇ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଟିଟିଲାଗଡ ସରକାରୀ ୫-ଟି ଉଚ୍ଚ ବିଦ୍ୟାଳୟର ସ୍ମାର୍ଟ କ୍ଲାସ ରୁମ୍ ପରିଦର୍ଶନ କରି ଶିକ୍ଷକଙ୍କ ଶିକ୍ଷାଦାନ ତଦାରଖ କରିଥିଲେ। ଏନେଇ ଜିଲା ଶିକ୍ଷାଅଧିକାରୀ ଧ୍ରୁବଚରଣ ବେହେରା ଏବଂ ପ୍ରଧାନଶିକ୍ଷକ ପ୍ରବୀର ପଣ୍ଡାଙ୍କୁ ପୁରସ୍କୃତ କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରଙ୍କୁ ଭଲ ଭାବରେ ପାଠ ପଢିବାକୁ ପରାମର୍ଶ ଦେଇଥିଲେ। ସହରକୁ ଜଳ ଯୋଗାଣ ହେଉଥିବା ଦେସିଲସ୍ଥିତ ପାନୀୟ ଜଳ ବିଶୋଧନାଗାର କେନ୍ଦ୍ରଠାରେ ମୁକ୍ତା ଯୋଜନାରେ ମହିଳା ଗୋଷ୍ଠୀଙ୍କ ଦ୍ୱାରା ନିର୍ମିତ ବର୍ଷା ଜଳ ସଂରକ୍ଷଣ ପ୍ରକଳ୍ପ ପରିଦର୍ଶନ ପାଇଁ କେନ୍ଦ୍ରୀୟ ଦଳଙ୍କ କାର୍ଯ୍ୟସୂଚୀରେ ଉଲ୍ଲେଖ ରହିଥିଲା। ତେବେ କୌଣସି କାରଣରୁ କେନ୍ଦ୍ରୀୟ ଟିମ୍ ବିଶୋଧନାଗାର କେନ୍ଦ୍ର ପରିଦର୍ଶନ କରି ନ ପାରି ଫେରିଯାଇଥିଲେ। ପରେ କେନ୍ଦ୍ରୀୟ ଟିମ ଖୋଲାନ ଗ୍ରାମସ୍ଥିତ ଅମୃତ ସରୋବର ପରିଦର୍ଶନ କରିଥିଲେ। ଏହି ଅବସରରେ ଏହାର ଉତ୍କୃଷ୍ଟ ନିର୍ମାଣ କାର୍ଯ୍ୟ ପାଇଁ ସରପଞ୍ଚ ନରେଶ ଅଗ୍ରୱାଲଙ୍କୁ ପ୍ରଶଂସା କରିଥିଲେ।

ପରେ ସହରର ମାଉସୀ ମା' ମନ୍ଦିରରେ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ସଞ୍ଜୀବ ପାଢୀ, ଅଲେଖ ଦଳବେହେରା, ଅରୁଣ ମିଶ୍ର, ପୌର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରୀ ଜାଲ, ଜିଲା ପରିଷଦ ସଭ୍ୟା ଗୀତା ବିଶ, ବିଜେଡି କାଉନସିଲର ପ୍ରମୁଖ ଟିମ୍‌ଙ୍କୁ ଉତ୍ତରୀୟ ପ୍ରଦାନ ସହ ସ୍ୱାଗତ କରିଥିଲେ। କେନ୍ଦ୍ରୀୟ ଟିମ୍‌ର ଗସ୍ତ କାଳରେ ଟିଟିଲାଗଡ ବିଡିଓ ନବୀନ ଚନ୍ଦ୍ର ନାୟକ, ତହସିଲଦାର ପ୍ରେମଲାଲ ହିଆଲ, ପୌରାଧ୍ୟକ୍ଷ ମମତା ଜୈନ, ପୌର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରୀ, ପୌର ନିର୍ବାହୀ ଅଧିକାରୀ ବିପିନ ଦୀପ, ପୌର କାଉନସିଲର, ବ୍ଲକ ଏଇଇ ଶିବାନୀ ପ୍ରଧାନ, ଏଇ ଟଙ୍କକିଶୋର ନାଏକ, ଜେଇ ଧିରେନ ସାହୁ, ଏପିଓ ଶୁଭ୍ରାଂଶୁ ଶେଖର ମହଣା, ଜିଆରଏସ ଶକ୍ତିଶ୍ୱର ମୁଗ୍ରୀ, ମଗସିର ବିଶି, ନିତେଶ ପାଣିଗ୍ରାହୀ, ଅନାଥ ସାହୁ, ନୀଳକଣ୍ଠ କିଷାନ ପ୍ରମୁଖ ଉପସ୍ଥିତ ଥିଲେ।



କେନ୍ଦ୍ରୀୟ ଟିମ୍ ସ୍ଥାନୀୟ ମହାରାଜ ସାଗର ପ୍ରକଳ୍ପ ବୁଲି ଦେଖିବା ଅବସରରେ ଆଲୋଚନା କରୁଛନ୍ତି।

ଧରିତ୍ରୀ DHARITRI
ସମ୍ବଲପୁର, ଶନିବାର, ୯ ଜୁଲାଇ, ୨୦୨୨



## ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ ଅଭିଯୋଗ

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନ୍ଦୁଝରିଆପାଲି ପଞ୍ଚାୟତ ଅଧୀନ ବାଘରତେଲା ଗାଁର ଜଣେ ଚାଷୀଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି । ମୃତକ ହେଲେ ବିଶିକେଶନ ଶଖୁଂଆ (୩୨) । ପ୍ରକାଶ ଯେ, ଶୁକ୍ରବାର ଅପରାହ୍ଣରେ ବିଶିକେଶନ ନିଜ ବିଲରେ ଚାଷ କାମ କରୁଥିବା ବେଳେ ହଠାତ ବଜ୍ରପାତ ହୋଇଥିଲା । ଫଳରେ ସେ ଅଚେତ ହୋଇ ବିଲରେ ପଡିଯାଇଥିଲେ । ସେଠାରେ ଥିବା ଅନ୍ୟ ଚାଷୀମାନେ ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ବୀରମହାରାଜପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### ସଂକ୍ଷେପରେ

## ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ସ୍ମାରକପତ୍ର

ବରପାଲି,୮।୭(ଡି.ଏନ.ଏ.): ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବିରେ ଶୁକ୍ରବାର କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ସହ ଜଡ଼ିତ ସମସ୍ତ ଓକିଲ ସଂଘ ସଂକଳ୍ପ ଦିବସ ପାଳନ କରିଛନ୍ତି। ଏହାସହ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ସ୍ଥାନୀୟ ତହସିଲଦାରଙ୍କ ମାଧମରେ ପ୍ରଦାନ କରାଯାଇଛି। କରୋନା ମହାମାରୀ ଯୋଗୁ ଗତ ପ୍ରାୟ ଦୁଇ ବର୍ଷ ହେଲା ଏହି ଦାବି ଧିମେଇ ଯାଇଥିଲା। ଏବେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ନିଷ୍ପତ୍ତି କ୍ରମେ ଶୁକ୍ରବାର ସମସ୍ତ ଓକିଲ ସଂଘ ପକ୍ଷରୁ ଦାବିକୁ ଜୋରଦାର କରାଯାଇଛି। ଦୀର୍ଘଦିନରୁ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ଦାବି ତଥା ଏହାର ଆବଶ୍ୟକତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ତତ୍ପରତା ପ୍ରକାଶ କରିଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ କିଛି ଉଦ୍ୟମ ହେଉନାହିଁ ବୋଲି କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର କୋର କମିଟି ସଭ୍ୟ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ପଣ୍ଡା ମତପ୍ରକାଶ କରିଥିଲେ। ଓକିଲ ସଂଘ ସଭାପତି ଆନନ୍ଦ ସାହୁଙ୍କ ନେତୃତ୍ୱରେ ସମ୍ପାଦକ ଈଶ୍ୱର ନାଗ, ହିମାଂଶୁ ସାହୁ, ମନୋଜ ପଟ୍ଟନାୟକ, ପ୍ରମୋଦ ସିଂ, ସୁରେଶ ଖଟୁଆ, ଶରତ ସାହୁ, ଦେବେନ୍ଦ୍ର ସାହୁ, ଅଞ୍ଜନ ବେହେରା ପ୍ରମୁଖ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ସଚେତନ ନାଗରିକ ମଞ୍ଚ ପକ୍ଷରୁ କାର୍ତ୍ତିକଙ୍କୁ ସମ୍ବର୍ଦ୍ଧନା

ସୋନପୁର,୮।୭(ନି. ପ୍ର.): ସଚେତନ ନାଗରିକ ମଞ୍ଚ ପକ୍ଷରୁ ସୁବର୍ଣ୍ଣପୁର ଜିଲାର ପ୍ରଥମ ସର୍ବଭାରତୀୟ ପ୍ରଶାସନିକ ଅଧିକାରୀ ହେବାର ଗୌରବ ଆଣିଥିବା କାର୍ତ୍ତିକ ପାଣିଗ୍ରାହୀଙ୍କୁ ମେହେର ପାର୍କଠାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମୟରେ ତାଙ୍କର ପରିବାର ସଦସ୍ୟ ବୃନ୍ଦ ବଡ଼ ବାପା ଆର୍ତ୍ତତ୍ରାଣ ପାଣିଗ୍ରାହୀ, ବାପା ଶିବନାରାୟଣ ପାଣିଗ୍ରାହୀଙ୍କ ସହ ଅନ୍ୟମାନେ ଉପସ୍ଥିତ ରହିଥିଲେ। କାର୍ତ୍ତିକ ଅଧିଷ୍ଠାତ୍ରୀ ଦେବୀ ମା’ ସୁରେଶରୀ , ମହାଦେବ ସୁବର୍ଣ୍ଣମେରୁଙ୍କ କୃପା ତଥା ସୁବର୍ଣ୍ଣପୁର ଜନସାଧାରଣଙ୍କ ଆଶୀର୍ବାଦକୁ ପାଥେୟ କରି କାର୍ଯ୍ୟ କରିବି ବୋଲି କହିଥିଲେ। ବର୍ତ୍ତମାନ ବିଶ୍ୱ ଜଳବାୟୁ ପରିବର୍ତ୍ତନ ସମସ୍ତ ବିଶ୍ୱବାସୀଙ୍କ ସକାଶେ ଚିନ୍ତାର ବିଷୟ ହୋଇଛି। ଏବେ ଏହା ଉପରେ କିଛି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ସୂଚନା ଦେଇଥିଲେ। ମଞ୍ଚର ବରିଷ୍ଠ ସଦସ୍ୟ ପ୍ରଦୀପ ପୁରୋହିତଙ୍କ ବକ୍ତବ୍ୟକୁ କାର୍ତ୍ତିକ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ନାଗରିକ ମଞ୍ଚର ସଭାପତି ସିତାଂଶୁ ଶେଖର ମିଶ୍ର, ସମ୍ପାଦକ ଗୁଣନିଧି ମେହେରଙ୍କ ସମେତ ଶଙ୍କର ମେହେର, ଧୀରେନ୍ଦ୍ର କୁମାର ପଟ୍ଟନାୟକ, ବିନୋଦ ମେହେର , ନୀଳମାଧ ଗୁରୁ, ମାନଭଞ୍ଜନ ବହିଦାର,ସୁରେଶ ପାତ୍ର, ସଞ୍ଜୟ ମହାପାତ୍ର, ତାରିଣୀ ମେହେର, ନରସିଂହ ପାତ୍ର,ତାପସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଲୁଟେରା, ଡକାୟତଙ୍କ ଉପରେ ପୋଲିସ ନଜର

ବରଗଡ଼ ଅଫିସ/ସରଣ୍ଡା/ଅତାବିରା,୮।୭

ବରଗଡ଼ ଜିଲା ପୋଲିସ ଡକାୟତ, ଲୁଟେରା ଗ୍ୟାଙ୍ଗ ପ୍ରତି କଡ଼ା ନଜର ରଖିଛି। ଏହି କ୍ରମରେ ଗୁରୁବାର ପୋଲିସ ଜିଲାର ବରଗଡ଼, ଅତାବିରା ଏବଂ ଗାଇସିଲେଟ ଥାନା ଅଞ୍ଚଳରୁ ୧୨ଜଣଙ୍କୁ ଗିରଫ କରିଛି । ବରଗଡ଼ ଟାଉନ ଥାନା ପୋଲିସ ୪, ଅତାବିରା ଥାନା ପୋଲିସ ୩ ଏବଂ ଗାଇସିଲେଟ ଥାନା ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ଡକାୟତି ଯୋଜନା, ଲୁଟ୍‌ପାଟ୍ କରୁଥିବାବେଳେ ପୋଲିସ ହାବୁଡରେ ପଡ଼ିଛନ୍ତି। ସେମାନଙ୍କ ବିରୋଧରେ ବରଗଡ଼, ଅତାବିରା, ଗାଇସିଲେଟ ଥାନାରେ ପୃଥକ୍ ମାମଲା ରୁଜୁ ହୋଇଛି।

ବରଗଡ଼ ଟାଉନ ଥାନା ପୋଲିସ ଗିରଫ କରିଥିବା ଅଭିଯୁକ୍ତମାନେ ହେଲେ ବରଗଡ଼ ଟାଉନ ଥାନା ଖଜୁରଟିକ୍ରାର ସୋନୁ ପ୍ରଧାନ(୨୦), ସଦର ଥାନା ଦେଓଗାଁର ଆଶିଷ ଗହୀର(୨୦), ନବୀନ ସାହୁ(୨୩), ଅତାବିରା ୱାର୍ଡ଼ ନଂ-୧ର ବିକାଶ ବାଗ(୨୨)। ସେମାନଙ୍କ ପାଖରୁ ଗୋଟିଏ ରିଭଲଭର, ଛୁରି, ଲୁହା କଟର, କାର୍ (ନଂ.ଓଡ଼ି୧୭ଡବ୍ଲୁ/୬୦୬୦), ୪ଟି ମୋବାଇଲ ଏବଂ ନଗଦ ୪ହଜାର ଟଙ୍କା ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ଅତାବିରା ଥାନା ପୋଲିସ ଦଫା ୩୯୫ ଆଇପିସି ଏବଂ ୨୫/୨୭ ଆର୍ମସ୍ ଆକ୍ଟରେ ଏକ ମାମଲା ରୁଜୁ କରିଛି। ବରଗଡ଼ ଏସ୍‌ଡ଼ିପିଓ ଦୀପକ କୁମାର ଗୋଛାୟତ ସୂଚନା ଦେଇ କହିଛନ୍ତି, ଗତ ୬ତାରିଖରେ କଟକ ଜିଲା ତିଗିରିଆ ଥାନା ଗଦାଧରପୁର ଗ୍ରାମର ଡ୍ରାଇଭର ସୁଶାନ୍ତ ନାୟକ(୪୨) ବରଗଡ଼ ଡାଙ୍ଗ ଛକର ଏକ ଗୋଦାମରୁ ରସୁଣ ବୋଝେଇ ଟ୍ରକ୍ (ନଂ.ଓଡ଼ି୦୫ବିଡ଼ି/୪୦୯୭) ଧରି କଟକ ଯାଉଥିଲେ। ରାତି ପ୍ରାୟ ୧୧ଟା ୪୫ମିନିଟ୍‌ରେ ସହର ଉପକଣ୍ଠ ଟୋଲ ଗେଟ୍ ନିକଟରେ ଅଭିଯୁକ୍ତମାନେ ତାଙ୍କୁ ଅଟକାଇଥିଲେ ଏବଂ ମାରଣାସ୍ତ୍ର ଦେଖାଇ ତାଙ୍କଠାରୁ ୪ହଜାର ଟଙ୍କା, ଏଟିଏମ କାର୍ଡ଼, ଡ୍ରାଇଭିଂ ଲାଇସେନ୍ସ ଆଦି ନେଇ ଯାଇଥିଲେ। ଶୁକ୍ରବାର ଘଟଣା ନେଇ ସେ ବରଗଡ଼ ଟାଉନ ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା।

ଅତାବିରା ଥାନା ସରଣ୍ଡା ଛକ ନିକଟରେ ଗୁରୁବାର ରାତିରେ ଡକାୟତି ଯୋଜନା କରୁଥିବାବେଳେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସମ୍ବଲପୁର ଜିଲା ବୁର୍ଲା ଥାନା ଗୋଶାଳା କଦମପଡ଼ାର ସାଗର ସୁନା(୧୯), କ୍ଷେତରାଜପୁର ଥାନା ଦୁର୍ଗାପାଲିର ଆଲୋକ କନ୍ଧ(୩୩) ଏବଂ ସମ୍ବଲପୁର ଟାଉନ ଥାନା ମୋଦିପଡ଼ାର ଆଶିକି ଓରଫ ଆଶିଷ କନ୍ଧ(୨୬)। ସେମାନଙ୍କଠାରୁ ୨ଗୁଳି, ଗୋଟିଏ ପିସ୍ତଲ, ୩ଟି ମୋବାଇଲ, ଗୋଟିଏ ସ୍କୁଟି (ନଂ.ଓଡ଼ି୧୫କ୍ୟୁ/୧୮୬୧), ଲଙ୍କାଗୁଣ୍ଡ, ଭୁଜାଲି ଏବଂ ନଗଦ ୧୨୭୦ ଟଙ୍କା ଜବତ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଅତାବିରା ଥାନା ପୋଲିସ ଦଫା ୩୯୯, ୪୦୨ ଆଇପିସି, ୨୫ ଆର୍ମସ୍ ଆକ୍ଟରେ ଏକ ମାମଲା (ନଂ.୨୩୬/୨୨) ରୁଜୁ କରିଛି।

ସେହିପରି ଗାଇସିଲେଟ ଥାନା ଭୋଇପାଲି ଛକ ନିକଟରେ ଡକାୟତି ଯୋଜନା ବେଳେ ପୋଲିସ ଏକ ଗ୍ୟାଙ୍ଗର ଜଣେ ନାବାଳକଙ୍କ ସମେତ ୬ଜଣଙ୍କୁ ଗିରଫ କରିଛି। ଉକ୍ତ ନାବାଳକଙ୍କୁ ରାଉରକେଲା ବାଲସୁଧାର ଗୃହକୁ ପଠାଇ ଦିଆଯାଇଛି। ଅନ୍ୟ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା କରମଣ୍ଡ ଗ୍ରାମର ପ୍ରତାପ ଥପା(୨୫), ବଲାଙ୍ଗୀର ଚକ୍ରପଡ଼ାର କିଶୋର ଭୋଇ(୨୫), କେଦାରୁ ମେହେର(୨୨), ବରଗଡ଼ ଜିଲା ପଦ୍ମପୁର ଥାନା ଖଇରପାଲିର କର୍ପୁର ମାହାର(୪୦) ଏବଂ ରସିକ ମାହାର(୩୮)। ସେମାନଙ୍କ ବିରୋଧରେ ଗାଇସିଲେଟ ଥାନା ପୋଲିସ ଦଫା ୩୯୯. ୪୦୨ରେ ଏକ ମାମଲା (ନଂ.୧୪୪/୨୨) ରୁଜୁ କରିଛି। ସେମାନଙ୍କଠାରୁ ୨ଟି ଲୁହାରଡ଼, ୨ଟି ବାଉଁଶ ଠେଙ୍ଗା, ଗୋଟିଏ ଭୁଜାଲି, ଲଙ୍କାଗୁଣ୍ଡ, ୪ଟି ମୋବାଇଲ, ବାଇକ୍ ଏବଂ ପିକ୍‌ଅପ୍ ଭ୍ୟାନ ଜବତ ହୋଇଛି।



ଗାଇସିଲେଟ ଥାନା ପୋଲିସ ଗିରଫ ଅଭିଯୁକ୍ତଙ୍କୁ ହାଜର କରିଛି ।

- ମାରଣାସ୍ତ୍ର ଜବତ, ୧୨ ଅଭିଯୁକ୍ତ ଗିରଫ
- ୩ ସ୍ଥାନରେ ଚାଲିଥିଲା ଅପରାଧ
- ପିସ୍ତଲ, ରିଭଲଭର, ଗୁଳି, କାର୍, ସ୍କୁଟି, ପିକ୍‌ଅପ୍ ଭ୍ୟାନ ଜବତ

## କଲେଜରେ ଆଣ୍ଟି ରାଗିଂ ସଚେତନତା କାର୍ଯ୍ୟକ୍ରମ

ପାଇକମାଲ,୮।୭(ଡି.ଏନ.ଏ.)

ବରଗଡ ଜିଲା ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟଠାରେ ଅଧ୍ୟାପକ ପ୍ରଭାତ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଶୁକ୍ରବାର ଆଣ୍ଟି ରାଗିଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପାଇକମାଳ ତହସିଲଦାର ମନୋଜ କୁମାର ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ ରାଗିଂ ପରି ମାନସିକ ବ୍ୟାଧିରୁ ଦୂରେଇ ରହିବ ପାଇଁ ପରାମର୍ଶ ଦେଇଥିଲେ। ଇଂରାଜୀ ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁ ସ୍ୱଗେତ ଭାଷଣ ଓ ଇତିହାସ ଅଧ୍ୟାପକ ପ୍ରଦୀପ କୁମାର ଦେୱାନ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପିକା ଝରଣା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପାଇକମାଳ ଜୁନିୟର ବିନ୍ଧ୍ୟବାସିନୀ ମହାବିଦ୍ୟାଳୟରେ ଅଧକ୍ଷ ଶ୍ୟାମଲାଲ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଣ୍ଟି ରାଗିଂ ସଚେତନତା ସଭାରେ ତହସିଲଦାର ମେହେର ମୁଖ୍ୟଅତିଥି ଯୋଗ ଦେଇଥିବା ବେଳେ ଅଧ୍ୟାପିକା ରଞ୍ଜିତା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ମାଣ୍ଡୋସିଲ ଡିଗ୍ରୀ ମହାବିଦ୍ୟାଳୟରେ ଏହା ଉପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ପାଇକମାଳ ତହସିଲଦାର ମନୋଜ କୁମାର ମେହେର ଯୋଗଦାନ କରି ବିଦ୍ୟାଳୟଗୁଡ଼ିକରେ ବଢିଚାଲିଥିବା ରାଗିଂ ବନ୍ଦ କରିବା ଦିଗରେ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ। ଭାରପ୍ରାପ୍ତ ଅଧକ୍ଷ ନିରାକାର ରାଉତ ସଭାପତିତ୍ୱ କରିଥିବାବେଳେ ଅଧ୍ୟାପକ ସନ୍ତୋଷ ସିଂ ଠାକୁର ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ସୁମିତାବ ନାୟକ, ପୁଷ୍ପକାନ୍ତ ନାୟକ, ଦେବକାନ୍ତ ନାୟକ, ଅମରେଶ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ କୃଷ୍ଣଚନ୍ଦ୍ର ଦେବତା ଧନ୍ୟବାଦ ଅର୍ପଣ କରିଥିଲେ।

# ଅଟକ ୩ ଯୁବକ ଗିରଫ

ଉଲୁଣ୍ଡା,୮।୭(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ କେଉଟିପାଲି ନିକଟରେ ଏକ ଦମ୍ପତିଙ୍କ ମୁହଁରେ ସ୍ପ୍ରେ କରି ଲୁଟ୍ ଉଦ୍ୟମ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାରେ ଅଟକ ଥିବା ୩ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ସେମାନଙ୍କ ଠାରୁ ନଗଦ ୧୦ ହଜାର ଟଙ୍କା, ଗୋଟିଏ ମୋବାଇଲ ଏବଂ ଲୁଟ୍ ପାଇଁ ବ୍ୟବହୃତ ହୋଇଥିବା ରାସାୟନିକ ସ୍ପ୍ରେ ଜବତ ହୋଇଥିବା ସୁବର୍ଣ୍ଣପୁର ଏସ୍‌ପି ଅମରେଶ ପଣ୍ଡା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ଏସରାମପୁରର ସିଦ୍ଧାର୍ଥ ପୁଟେଲ, ରାଧେଶ୍ୟାମ ଭରାସାଗର ଏବଂ ସନ୍ତୋଷ ନାଗ ଓରଫ କାଲି ବୋଲି ଜଣାପଡିଛି।

ସୂଚନା ଅନୁସାରେ, ଗୁରୁବାର ସାରସମାଲ ଗ୍ରାମର ଗଣ୍ଡାରାମ ଭୋଇ ଓ ତାଙ୍କ ସ୍ତ୍ରୀ ସବିତା ସମ୍ବଲପୁରରୁ ଏକ ବାଇକ୍ ଯୋଗେ ନିଜ ଘରକୁ ଫେରୁଥିବା ବେଳେ କେଉଟିପାଲି ନିକଟରେ ତିନି ଜଣ ଦୁର୍ବୃତ୍ତ ମୁଖା ପିନ୍ଧି ଏକ ବାଇକ୍‌ରେ ତାଙ୍କ ପାଖକୁ ଆସି ସେମାନଙ୍କ ମୁହଁକୁ ରାସାୟନିକ ସ୍ପ୍ରେ କରି କିଛି ଦୂରକୁ ଚାଲିଯାଇଥିଲେ। ଗଣ୍ଡାରାମ ହେଲମେଟ ପିନ୍ଧି ଥିବାରୁ ତାଙ୍କ ସ୍ତ୍ରୀଙ୍କ ମୁହଁରେ ପଡିଥିଲା। ମୁହଁ ଜଳିବାରୁ ଗାଡିକୁ ଅଟକାଇ ମୁହଁ ଧୋଉଥିବା ବେଳେ ଦୁର୍ବୃତ୍ତମାନେ ପୁଣି ଆସି ଲୁଟ ଉଦ୍ୟମ କରୁଥିବା ବେଳେ ଦମ୍ପତି ପାଟି କରିଥିଲେ।

ଫଳରେ ଘଟଣାସ୍ଥଳରୁ ସେମାନେ ଫେରାର ମାରିଥିଲେ। ତେବେ କେଉଟିପାଲି ନଦୀଘାଟ ଦେଇ ଫେରାର ଉଦ୍ୟମ କରୁଥିବା ବେଳେ ସିଣ୍ଢୋଲ ଗ୍ରାମର ତିନିଜଣ ଯୁବକ ଦୁର୍ବୃତ୍ତଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ଦୁର୍ବୃତ୍ତଙ୍କ ଦ୍ୱାରା ବ୍ୟବହୃତ ବାଇକ୍ , ନଗଦ ୧୦ ହଜାର ଏବଂ ଗୋଟିଏ ମୋବାଇଲ ଜବତ କରିଥିଲା। ଏନେଇ ଗଣ୍ଡାରାମ ଥାନାରେ ଲିଖିତ ଭାବରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୧୦୭/୨୨) ରୁଜୁ କରିଥିଲା। ଏହି ଘଟଣାରେ ଅଟକ ୩ ଜଣ ଦୁର୍ବୃତ୍ତଙ୍କୁ ଗିରଫ କରାଯାଇଛି। ଅପରପକ୍ଷରେ ଅଭିଯୁକ୍ତମାନଙ୍କୁ ଧରିବାରେ ସହଯୋଗ କରିଥିବା ତିନି ଯୁବକଙ୍କୁ ଏସ୍‌ପି ସମ୍ବର୍ଦ୍ଧିତ କରିବା ସହ ପୁରସ୍କୃତ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ବୀରମହାରାଜପୁର ଏସଡିପିଓ ଡୋଲାମଣି ଭୋଇ, ଆଇଆଇସି ଚନ୍ଦ୍ରମୋହନ ସିଂ, ଏସଆଇ ଟଙ୍କଧର ଛତ୍ରିଆ, ଏସଆଇ ଶଙ୍କର କୁମ୍ଭାର, ଏଏସଆଇ ରବିନ୍ଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତମାନଙ୍କୁ ହାଜର କରାଯାଇଛି।

**ଦମ୍ପତିଙ୍କ ମୁହଁରେ ସ୍ପ୍ରେ କରି ଲୁଟ୍ ଉଦ୍ୟମ ଘଟଣାର ପର୍ଦ୍ଦାଫାଶ**

- ୧୦ହଜାର ଏବଂ ମୋବାଇଲ ଜବତ

## ଶେଷ ହେଲା କଳାକାର ଚୟନ ପ୍ରକ୍ରିୟା

ବୌଦ୍ଧ,୮।୭ (ସ୍ୱ.ପ୍ର.)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରାୟୋଜିତ ପଞ୍ଜିକୃତ କଳାକାରଙ୍କ ଦୁଇଦିନିଆ ଚୟନ ପ୍ରକ୍ରିୟା ବୌଦ୍ଧ ଟାଉନହଲଠାରେ ଶୁକ୍ରବାର ଶେଷ ହୋଇଛି। ଏହି ଚୟନ କାର୍ଯ୍ୟକ୍ରମରେ ଜିଲାର ବଛାବଛା ୨୧ ଗୋଟି ସାଂସ୍କୃତିକ ଦଳ ଅଂଶଗ୍ରହଣ କରି ସେମାନଙ୍କର କଳା ପ୍ରଦର୍ଶନ କରିଥିଲେ। ସେମାନଙ୍କ ମଧ୍ୟରୁ ଗୌର ନିତାଇ ସଂକୀର୍ତ୍ତନ ମଣ୍ଡଳୀ କରକଟା, ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ ପଲସପାଟ, ଜାଗୃତୀ ବିଜୟା ପାଲା ସଂସଦ ମହାକୁଡ ପାଲି, ଯାତ୍ରୀ ଖଟଖଟିଆ, ପୂର୍ଣ୍ଣମାସୀ ସଂକୀର୍ତ୍ତନ ମଣ୍ଡଳୀ ବାଉଁଶୁଣୀ ଟିକିରାପଡା, ଗେହ୍ଲାମା କଳାନିକେତନ ବୌଦ୍ଧ,ରାମଲୀଳା ନାଟ୍ୟ ସଂସଦ ବାଉଁଶୁଣୀ ଛକ, ଶ୍ରୀଚୈତନ୍ୟ ଠାକୁର ସଂକୀର୍ତ୍ତନ ମଣ୍ଡଳୀ, ଆକୃତି ବୌଦ୍ଧ, ରୁଦ୍ର ଭୈରବୀ କ୍ଲବ ବୌଦ୍ଧ ଓ ପ୍ରଣାମ ଅନୁଷ୍ଠାନ ବୌଦ୍ଧ ସର୍ବଶ୍ରେଷ୍ଠ ବିବେଚିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ଲକ୍ଷ୍ମଣ ମହାପାତ୍ର. ତୁଷାରକାନ୍ତ ପଟ୍ଟନାୟକ, ଭବାନୀ ଶଙ୍କର ମହାପାତ୍ର, ହରିହର ପ୍ରଧାନ, ବାସୁଦେବ ପାତ୍ର, ବସନ୍ତ କୁମାର ବୋଷ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା ଓ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ କାର୍ଯ୍ୟକ୍ରମକୁ ତଦାରଖ କରିବା ସହ ଯୋଗଦେଇଥିବା କଳାକାରଙ୍କୁ ଉତ୍ସାହିତ କରିଥିଲେ। ସର୍ବଶ୍ରେଷ୍ଠ କଳା ପ୍ରଦର୍ଶନ କରିଥିବା ସାଂସ୍କୃତିକ ଦଳଗୁଡିକୁ ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ କରାଯିବ ବୋଲି ଜଣାପଡିଛି।




ଚୟନ ସମୟରେ କଳାକାରମାନେ କଳା ପରିବେଷଣ କରୁଛନ୍ତି।

## ଟୋଲ ଟ୍ୟାକ୍ସ ବିରୋଧରେ ବୈଠକ

ବରପାଲି,୮।୭(ଡି.ଏନ.ଏ.)

ବରଗଡ଼-ସମ୍ବଲପୁର ଜାତୀୟ ରାଜପଥରେ ଥିବା ଅଶୋକା ବିଲ୍ଡକନର ଟୋଲ ଗେଟ୍‌ରେ ବରପାଲି ଅଞ୍ଚଳର ଗାଡ଼ିଗୁଡିକରୁ ଟୋଲ ଟ୍ୟାକ୍ସ ଆଦାୟ କରାଯାଉଛି। ତେଣୁ ଏ ନେଇ ବରପାଲିଠାରେ ଶୁକ୍ରବାର ଅନୁଷ୍ଠିତ ଗାଡ଼ି ମାଲିକ ସଂଘର ଏକ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ପୂର୍ବରୁ ଏହି ଟୋଲ ଗେଟ୍‌ରେ ସମଗ୍ର ବରଗଡ଼ ଜିଲାର ଗାଡ଼ିଗୁଡିକରୁ ଟୋଲ ଟ୍ୟାକ୍ସ ଆଦାୟ କରାଯାଉ ନ ଥିଲା। ଏବେ ମଧ ବରଗଡ଼ ଜିଲାର କେତେକ ଅଞ୍ଚଳର ଗାଡ଼ିରୁ ଟୋଲ ଟ୍ୟାକ୍ସ ଆଦାୟ କରାଯାଉ ନ ଥିବା ବେଳେ ବରପାଲି ଅଞ୍ଚଳର ଗାଡ଼ିଗୁଡିକରୁ ଟୋଲ ଆଦାୟ କରାଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ ସଂଘର ଏକ ପ୍ରତିନିଧି ଦଳ ବରଗଡ଼ ଜିଲାପାଳ ଓ ଅଶୋକା ବିଲ୍ଡକନ କର୍ତ୍ତୃପକ୍ଷଙ୍କ ସହ ସାକ୍ଷାତ ଆଲୋଚନା କରାଯିବ। ସୁଫଳ ନ ମିଳିଲେ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ସଭାପତି ସଲିମ ଖାନ ପ୍ରକାଶ କରିଛନ୍ତି।

# ‘କଠିନ ପରିଶ୍ରମ, ଆତ୍ମବିଶ୍ୱାସ ହିଁ ସଫଳତାର ମୂଳମନ୍ତ୍ର’

ସୋନପୁର,୮।୭(ନି. ପ୍ର.)

ଜିଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଅନୁରୋଧ କ୍ରମେ ସୁବର୍ଣ୍ଣପୁର ମାଟିର ସୁଯୋଗ୍ୟ ସନ୍ତାନ କାର୍ତ୍ତିକ ପାଣିଗ୍ରାହୀ ଜିଲା ପାଠାଗାରର ଛାତ୍ରୀଛାତ୍ରମାନଙ୍କୁ ଜୀବନରେ ସଫଳ ହେବା ପାଇଁ ଆବଶ୍ୟକ ପରାମର୍ଶ ଦେଇଛନ୍ତି । ପାଣିଗ୍ରାହୀ ଚଳିତ ବର୍ଷ ସର୍ବଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ୬୩ ତମ ସ୍ଥାନ ଅଧିକାର କରି ରାଜ୍ୟରେ ପ୍ରଥମ ହେବାର ଗୌରବ ଅର୍ଜନ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲାପାଳ ନରୱଣେ କାର୍ତ୍ତିକଙ୍କୁ ଜିଲାର ଗୌରବ ବୋଲି ଅଭିହିତ କରି ତାଙ୍କ ଆଦର୍ଶରେ ନିଜକୁ ପ୍ରସ୍ତୁତ କରିବା ପାଇଁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ପାଠକମାନଙ୍କୁ ନିଜ ସଫଳତାର ଉଦାହରଣ ଦେଇ କାର୍ତ୍ତିକ କହିଲେ ଯେ ଦୃଢ଼ ଇଚ୍ଛାଶକ୍ତି, ଆତ୍ମବିଶ୍ୱାସ ସହ ନିରନ୍ତର କଠିନ ପରିଶ୍ରମ ଦ୍ୱାରା ଜଣେ ଯେ କୌଣସି ପରୀକ୍ଷାରେ ନିଶ୍ଚିତ ଭାବରେ ସଫଳତା ପାଇବ । ଏଠାରେ ଉନ୍ନତମାନର ପାଠାଗାରରେ ଶତାଧିକ ପିଲା ଅଧ୍ୟୟନ କରୁଥିବା ଦେଖି ସେ ଖୁସିବ୍ୟକ୍ତ କରିଥିଲେ । ଦିଲ୍ଲୀ କିମ୍ବା ଭୁବନେଶ୍ୱର ନ ଯାଇ ଜଣେ ପିଲା ଏହିଠାରେ ପ୍ରସ୍ତୁତି କରି ମଧ ପ୍ରଶାସନିକ ପରୀକ୍ଷାରେ ସଫଳ ହୋଇ ପାରିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ। ଏହି ଅବସରରେ ସେ ପାଠକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରି ତାଙ୍କର ମନୋବଳ ଦୃଢ଼ କରିଥିଲେ । କାର୍ଯ୍ୟକ୍ରମରେ କ୍ରୀଡା ଅଧିକାରୀ ଅଭିଳାଷ ପୁରୋହିତ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏ. କେ.ଭୋଇ,ଗ୍ରନ୍ଥାଳୟର ଗ୍ରନ୍ଥାଗାରିକ ବିଦ୍ୟାପତି ପଣ୍ଡାଙ୍କ ସମେତ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ ।



ଛାତ୍ରଛାତ୍ରୀଙ୍କ ସହିତ କାର୍ତ୍ତିକ ।

# ବୀମା କ୍ଷତିପୂରଣ ବାଟମାରଣା

ବରଗଡ଼ ଅଫିସ୍,୮।୭

ବରଗଡ଼ ଜିଲାରେ ଚଳିତ ଖରିଫ ଚାଷକାର୍ଯ୍ୟ ଆରମ୍ଭ ହୋଇଛି। ମାତ୍ର ୨୦୧୮-୧୯ ବର୍ଷର ଖରିଫ ଫସଲକ୍ଷତିର ବୀମା କ୍ଷତିପୂରଣ ଚାଷୀଙ୍କୁ ଏଯାଏ ମିଳିପାରିନାହିଁ। ଅନ୍ୟପଟେ କ୍ଷତିଗ୍ରସ୍ତ ଚାଷୀଙ୍କ ନାମରେ ଆସିଥିବା ବୀମା କ୍ଷତିପୂରଣ ରାଶିକୁ ବାଟମାରଣା କରାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ଜିଲାର ଅମ୍ବାଭୋନା ବ୍ଲକ ଲଖନପୁର ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ଅଧୀନ ୬ ପଞ୍ଚାୟତ ଅର୍ଥାତ୍ ଡୁଙ୍ଗୁରି, ବୁଙ୍ଗାପାଲି, ଉତ୍ତମ, ଲଖନପୁର, ଖୋଲା ଏବଂ କର୍ଲାର କ୍ଷତିଗ୍ରସ୍ତ ଚାଷୀମାନେ ଶୁକ୍ରବାର ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ସେମାନଙ୍କ ପ୍ରାପ୍ୟ ବୀମା କ୍ଷତିପୂରଣ ପ୍ରଦାନ ପାଇଁ ସେମାନେ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୮-୧୯ ଖରିଫ ଋତୁରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଜିଲାରେ ମରୁଡ଼ି ପରିସ୍ଥିତି ଉପୁଜିଥିଲା। ସେତେବେଳେ ବୀମା କ୍ଷତିପୂରଣ ପାଇବାକୁ ଯୋଗ୍ୟ ଚାଷୀଙ୍କ ତାଲିକା ମଧ୍ୟ ପ୍ରକାଶ ପାଇଥିଲା। ମାତ୍ର ସେଥିମଧ୍ୟରୁ କିଛି ଚାଷୀଙ୍କୁ ବୀମା କ୍ଷତିପୂରଣ ମିଳିଥିବାବେଳେ ଏବେ ସୁଦ୍ଧା ଅନେକ କ୍ଷତିଗ୍ରସ୍ତ ଚାଷୀ ସେଥିରୁ ବଞ୍ଚିତ ଅଛନ୍ତି। ଏ ନେଇ ବାରମ୍ବାର ସମବାୟ ବ୍ୟାଙ୍କ ଏବଂ ସମିତିକୁ ଧାଁଧପଡ଼ କଲେ ସୁଦ୍ଧା କିଛି ସୁଫଳ ମିଳିନାହିଁ। କ୍ଷତିଗ୍ରସ୍ତ ଚାଷୀଙ୍କ ପ୍ରତି ସମବାୟ ସମିତି ଓ ବ୍ୟାଙ୍କର ଏଭଳି ଅଣଦେଖା ମନୋଭାବ ନେଇ ଉକ୍ତ ଅଞ୍ଚଳର ଚାଷୀମାନେ ଏକ ବୈଠକ କରି ବାରପାହାଡ଼ କୃଷକ ସଙ୍ଗଠନ ଗଠନ କରିଥିଲେ। ଏହି ସଙ୍ଗଠନ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା ସହାୟତା ପ୍ରଦାନ ପାଇଁ ତତ୍କାଳୀନ ସହକାରୀ ସମବାୟ ନିବନ୍ଧକ, ଅତିରିକ୍ତ ସମବାୟ ନିବନ୍ଧକ ଏବଂ ଜିଲାପାଳଙ୍କୁ ଲେଖି ଜଣାଇଥିଲେ। କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ବୀମା କ୍ଷତିପୂରଣ ମିଳିବ ବୋଲି ସେତେବେଳେ ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ଚାଷୀଙ୍କୁ ବୀମା କ୍ଷତିପୂରଣ ମିଳିବା ତ ଦୂରର କଥା, ପ୍ରଶାସନିକ ଅଧିକାରୀମାନେ ପୂର୍ବ ପ୍ରତିଶ୍ରୁତି ମୁତାବକ ଚାଷୀଙ୍କୁ ଆଉ ଆଲୋଚନା ପାଇଁ ସୁଦ୍ଧା ଡାକି ନ ଥିଲେ। କରୋନା କଟକଣା ହଟିବା ପରେ ଚାଷୀମାନେ ସମବାୟ ସମିତି ସମ୍ପାଦକଙ୍କୁ ଭେଟିଥିଲେ। ସେ ସମୟରେ ଅଞ୍ଚଳର ୧୨୮ ଚାଷୀଙ୍କ ନାମରେ ବୀମା କ୍ଷତିପୂରଣ ବାବଦକୁ ଆସିଥିବା ୭୦ଲକ୍ଷ ଟଙ୍କା ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କକୁ ଫେରସ୍ତ କରି ଦିଆଯାଇଥିବା ସମ୍ପାଦକ କହିଥିଲେ ବୋଲି ଚାଷୀମାନେ କହିଛନ୍ତି। ଫଳରେ ଚାଷୀଙ୍କ ପାଇଁ ଆସିଥିବା ବୀମା କ୍ଷତିପୂରଣକୁ ବାଟମାରଣା କରାଯାଇଥିବା ସନ୍ଦେହ କରି ଏହାର ବିଧିବଦ୍ଧ ତଦନ୍ତ କରିବାକୁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ଈଶାନ ଚନ୍ଦ୍ର ଭୋଇ, ଅଭିମନ୍ୟୁ ପ୍ରଧାନ, ତ୍ରିଲୋଚନ ଦୁଆନ, ସଂକଳ୍ପ ସାହୁ, ରୋହିତ ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀ ପ୍ରତିନିଧିବୃନ୍ଦ।

- ୩ବର୍ଷ ପରେ ବି କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳିନି
- ଜିଲାପାଳଙ୍କୁ ଚାଷୀ ସଙ୍ଗଠନର ଫେରାଦ
- କାର୍ଯ୍ୟାନୁଷ୍ଠାନ ଦାବି ଜୋର୍ ଧରିଲା

